ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ
Vedic Literature of Ancient India

# ସାମବେଦ

(सामबेद / Saamaveda)

ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ

Vedic Literature of Ancient India

# ସାମବେଦ

# କୌଥୁମ ସଂହିତା

(कौथुम संहिता)

(Kauthuma Samhitaa)

ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ

Editor – Prakash Pradhan

ଭାଷା - ସଂସ୍କୃତ-ଓଡିଆ

Language – Sanskrit - Odia

ଶୁଦ୍ଧିକରଣ (Proofreading by)

ଶ୍ରୀ କମଳ ଲୋଚନ ପଣ୍ଡା

ଶ୍ରୀ ଶେଷଦେବ ଦାଶ




**ଶ୍ରୀ ପ୍ରକାଶ ପ୍ରଧାନ**

ସଂପାଦନା

prakash@scholarshoppe.com


## ଶୁଦ୍ଧିକରଣ






**ଶ୍ରୀ କମଳ ଲୋଚନ ପଣ୍ଡା**

ଜିଲ୍ଲା ଅଧ୍ୟକ୍ଷ, ବୈଦିକ ବ୍ରାହ୍ମଣ ପରିଷଦ,
ସମ୍ବଲପୁର, ଓଡ଼ିଶା

klpandajsg@gmail.com

**ଶ୍ରୀ ଶେଷଦେବ ଦାଶ**

ପୋଡାମାରି ଗଡ, ସାନଖେମୁଣ୍ଡି,
ଗଞ୍ଜାମ, ଓଡିଶା

sesanirbhaya@gmail.com

# ପୂର୍ବାଭାଷ

**ଓଁ ଶ୍ରୀ ଗଣେଶାୟ ନମଃ**

ମାତୃପିତୃଭ୍ୟାଂ ନମଃ ।
ସର୍ବଭ୍ୟୋ ଗୁରୁଭ୍ୟୋ ନମଃ ।
ଶ୍ରୀ ମହାଗଣପତୟେ ନମଃ ।
ଶ୍ରୀ ସରସ୍ୱତ୍ୟୈ ନମଃ ।
ସର୍ବଭ୍ୟୋ ଦେବେଭ୍ୟୋ ନମଃ ।
ଶ୍ରୀ ବେଦାୟ ନମଃ ।
ଶ୍ରୀ ବେଦପୁରୁଷାୟ ନମଃ ।

**୧୩ ଜୁଲାଇ ୨୦୨୨, ବ୍ୟାସ ପୂର୍ଣ୍ଣିମା,** ଓଡିଆ ଭାଷାରେ ବେଦମାନଙ୍କର ରୂପାନ୍ତର ସୃଙ୍ଖଳାରେ ଏହା ମୋର ୪ର୍ଥ ପ୍ରକଳ୍ପ । "ଋକ୍-ବେଦ", ଯଜୁର୍ବେଦ, ଓ "୧୦୮ ଉପନିଷଦ" ଓଡିଆ ଭାଷାରେ ରୂପାନ୍ତର କରିବା ପରେ, ପାଠକ ଓ ଶୁଭେଚ୍ଛୁମାନଙ୍କ ଅନୁରୋଧ କ୍ରମେ "**ଅଥର୍ବବେଦ**" ଓ "**ସାମବେଦ**"ଙ୍କୁ ଓଡିଆ ଭାଷାରେ ରୂପାନ୍ତର କରିବା ପ୍ରକଳ୍ପ ହାତକୁ ନେଲି, ଓ ଏହା ଉପରେ ଗବେଷଣା ତଥା କାର୍ଯ୍ୟ କରିବାକୁ ଲାଗିପଡିଲି । ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ " ଅଥର୍ବବେଦ " ସମାପନ କରିବାର ନିଷ୍ପତି ନେଇ କାର୍ଯ୍ୟ ଆରମ୍ଭ କରିଦେଲି । ସେଥିପାଇଁ ଉପଲବ୍ଧ " ଶୌନକ ସଂହିତା"ଙ୍କୁ ଓଡିଆ ଲିପିରେ ରୂପାନ୍ତର କାର୍ଯ୍ୟ ଆରମ୍ଭ କରିଦେଲି । ଅନେକଦିନ କାର୍ଯ୍ୟକରିବା ପରେ "ଶୌନକ ସଂହିତା"ର ରୂପାନ୍ତର କାର୍ଯ୍ୟ ଶେଷ ହେଲା । ଏହି ପ୍ରକଳ୍ପର ୨ୟ ପର୍ଯ୍ୟାୟରେ "ସାମବେଦ"ଙ୍କୁ ଓଡିଆ ଲିପିରେ ରୂପାନ୍ତର କାର୍ଯ୍ୟ ଆରମ୍ଭକରି, ଏହାର ଉପଲବ୍ଧ "**କୌଥୁମ ସଂହିତା**"ଙ୍କର ରୂପାନ୍ତର ମଧ୍ୟ ଶେଷ ହେଲା । ଏହି ସଂସ୍କରଣର ବିଶେଷତ୍ୱ ଏହା ଯେ, ଏଥିରେ ପ୍ରତ୍ୟେକ ମନ୍ତ୍ରର ଋଷି, ଦେବତା ଓ ଛନ୍ଦ ନିର୍ଣ୍ଣୟ କରିବାରେ ବହୁ ପରିଶ୍ରମପୂର୍ବକ କାର୍ଯ୍ୟ କରାଯାଇଅଛି, ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମାନଙ୍କର ସୂଚନା ମଧ୍ୟ ଦିଆଯାଇଛି, ଯାହାକି ଅନ୍ୟ ଉପଲବ୍ଧ ସଂସ୍କୃତ ସଂହିତା ମାନଙ୍କଠାରୁ ସ୍ୱତନ୍ତ୍ର କରିପାରିବ ବୋଲି ଆଶା କରୁଛି । ଏହି ସଂସ୍କରଣରେ ଯେଉଁ ସବୁ ବିଶେଷ୍ୱତ ରହିଛି, ସେମାନଙ୍କର ସ୍ୱଳ୍ପ ବିବରଣୀ ଆଗାମୀ ପୃଷ୍ଠାରେ ଦିଆଯାଇଛି ।

Not For Commercial Use

ଏହି ରୂପାନ୍ତରଣରେ ୧୯୬୦ ମସିହାର ଏକ ପୁରୁଣା ପୁସ୍ତକ "ସାମବେଦ ସଂହିତା"କୁ ଆଧାର ରୂପେ ନିଆଯାଇଛି, ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସୂତ୍ରମାନଙ୍କୁ ନେଇ ଏହି ସଂସ୍କରଣର ସମାପନ କରାଯାଇଛି । ସମସ୍ତ ସୂତ୍ରର ସୂଚନା ତଳେ "ସୂତ୍ର ସୂଚନା" ଦିଆଯାଇଛି ।

ଏହି ରୂପାନ୍ତରଣରେ " ସାମବେଦ"ର ସ୍ୱର (ଉଦାତ୍ତ, ଅନୁଦାତ୍ତ, ସ୍ୱରିତ ଇତ୍ୟାଦି) ମାନଙ୍କର ଶଂକେତ ବା ଚିହ୍ନ ଦିଆଯାଇନାହିଁ । ଏହାର କାରଣ ଓଡିଆ ଲିପିରେ ସେ ପ୍ରକାର ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ । ତଥାପି ଏହା ଉପରେ ଗବେଷଣା ଜାରି ରହିଛି, ହୋଇପାରେ ଏହାର ପରବର୍ତ୍ତି ସଂସ୍କରଣରେ ଏହା ଉପଲବ୍ଧ ହେବ । ୱେବ ସାଇଟରେ ସମସ୍ତ ଶ୍ଳୋକ ବା ମନ୍ତ୍ରମାନଙ୍କର ସ୍ୱରାବୃତି ଉପଲବ୍ଧ ଅଛି, ପାଠକମାନେ ଏହାକୁ ଶୁଣି ପାରିବେ ବା ଅଭ୍ୟାସ କରିପାରିବେ ।

'ସାମବେଦ'ର ଓଡିଆ ଲିପିରେ ରୂପାନ୍ତର ସରିବା ପରେ, ଏହା ଠିକ୍ ରେ ରୂପାନ୍ତର ହେଲା କି ନାହିଁ, ତାହାର ଶୁଦ୍ଧିକରଣ (ପ୍ରୁଫ୍-ରିଡିଙ୍ଗ୍) ଆବଶ୍ୟକ ଥିଲା । ଏଥିପାଇଁ ମୂଳ ଦସ୍ତାବେଜ ସଙ୍ଗରେ ରୂପାନ୍ତରୀତ ଦସ୍ତାବେଜର ଯାଞ୍ଚ କରିବାପାଇଁ, ୨ଜଣ ଅଲଗା ଅଲଗା ଶୁଦ୍ଧିକରଣ କାର୍ଯ୍ୟରେ ଲାଗିଥିଲେ । ସେମାନଙ୍କ ମଧ୍ୟରୁ "ଶ୍ରୀ କମଳ ଲୋଚନ ପଣ୍ଡା", ଓ "ଶ୍ରୀ ଶେଷଦେବ ଦାଶ" ମୂଖ୍ୟରୁପେ କାର୍ଯ୍ୟ କରିଥିଲେ । ମୁଁ ବ୍ୟକ୍ତିଗତ ଭାବେ ସମସ୍ତ ଯୋଗଦାନକାରୀ ସଦସ୍ୟମାନଙ୍କୁ କୃତଜ୍ଞତା ବ୍ୟକ୍ତ କରୁଛି । ତାଙ୍କର ଉପଦେଷ, ମାର୍ଗଦର୍ଶନ ଓ ସୁଧାରୀକରଣ ସର୍ବଦା ଅବିସ୍ମରଣୀୟ ରହିବ ।

ଶେଷରେ ସମସ୍ତଙ୍କ ଯୋଗଦାନ ପାଇଁ ଏହି ପବିତ୍ରଗ୍ରନ୍ଥ "**ସାମବେଦ ଓଡିଆରେ**" ପ୍ରସ୍ତୁତ ହୋଇପାରିଛି । ଆଶାକରୁଛି ଏହା ସମସ୍ତ ଓଡିଆ ଭାଷା ଭାଷୀ ବେଦଲିପ୍ସୁ ଜନମାନଙ୍କ କାମରେ ଆସିବ ଓ ଏହାକୁ ଭବିଷ୍ୟତ ପିଢି ପର୍ଯ୍ୟନ୍ତ ପହଞ୍ଚାଇ ଭାରତର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବେ ।

**ତାରିଖ - ୩୦.୦୮.୨୦୨୩** **ଶ୍ରୀ ପ୍ରକାଶ ପ୍ରଧାନ,**

**ରକ୍ଷାବନ୍ଧନ** **ସଂପାଦକ,**

ସଂସାରଫଳ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ଓଡିଶା, ଭାରତ ।

ବର୍ତମାନ ସ୍ଥିତି - ଚେନ୍ନାଇ, ତାମିଲନାଡୁ, ଭାରତ ।

Not For Commercial Use

## ଉତ୍ସର୍ଗ

ଏହି ଗ୍ରନ୍ଥ **"ସାମବେଦ ଓଡିଆରେ"** ଓଡିଆ ଭାଷୀ ସମସ୍ତ ଜନସାଧାରଣଙ୍କ ସେବାରେ ଓ ସାର୍ବଜନୀନ ଜ୍ଞାନ ପ୍ରସାର ନିମନ୍ତେ ଉତ୍ସର୍ଗ କରୁଛି ।

ବଶମ୍ବଦ

**ସଂପାଦକ**

## ନିବେଦନ

ଏହି ଗ୍ରନ୍ଥ **"ସାମବେଦ ଓଡିଆରେ"** ଟି ବ୍ୟକ୍ତିଗତ ପଠନ ଉଦ୍ଦେଶ୍ୟରେ ତିଆରି କରାଯାଇଛି ଓ ଏହା ସମସ୍ତଙ୍କୁ ଡିଜିଟାଲ ରୂପରେ ମୁକ୍ତ ଉପଲବ୍ଧ ହେବ । ଏହାର କୌଣସି **ବ୍ୟାପାରୀକରଣ ନ କରିବାକୁ** ଅନୁରୋଧ । ଯଦି କେହି ଏହାର ପ୍ରକାଶନ କରିବାକୁ ଚାହୁଁଛନ୍ତି, ସଂପାଦକଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ ।

ଏହି ଓଡିଆ ରୂପାନ୍ତରିତକୁ ଆମ ଜ୍ଞାନ ଅବଧିରେ, ଧ୍ୟାନ ପୂର୍ବକ, ସମସ୍ତ ସାବଧାନ ଓ ଯତ୍ନର ସହିତ ରୂପାନ୍ତର କରାଯାଇଛି । ତଥାପି, ଏଥିରେ ଭୁଲ ବା ତୃଟି ରହିଥାଇ ପାରେ । ତେଣୁ କୃପାଳୁ ପାଠକ, କ୍ଷମା କରିବା ସଙ୍ଗେ ସଙ୍ଗେ, ସଂପାଦକଙ୍କ ଦୃଷ୍ଟି ଗୋଚରକୁ ଆଣିବାକୁ ଅନୁରୋଧ ।

**ଶ୍ରୀ ପ୍ରକାଶ ପ୍ରଧାନ,**

**ସଂପାଦକ,**

# ଏହି ସଂସ୍କରଣରେ...

## ବେଦତ୍ରୟୀ ଓ ବେଦଚତୁଷ୍ଟୟୀ

ବେଦ ମାନବ ଇତିହାସର ସର୍ବପ୍ରଥମ ଓ ସର୍ବପୂରାତନ ସାହିତ୍ୟ ଅଟେ । ଭାରତୀୟଙ୍କ ମାନ୍ୟତାନୁସାରେ ବେଦର ସୃଷ୍ଟି ବ୍ରହ୍ମାଣ୍ଡ ସୃଷ୍ଟି ବେଳରୁ ତିଆରି ହୋଇଅଛି, ଯାହାକି ଏହା ଦୈବବାଣୀ ଅଟେ, ତଥା ଏହା ମୁନୀଋଷୀଙ୍କୁ ସାଧନା ଓ ତପସ୍ୟା ବଳରେ ପ୍ରାପ୍ତ ହୋଇଥିଲେ, ଯାହାକୁ ସେମାନେ ମାନବ କଲ୍ୟାଣ ଉଦ୍ଧେଶ୍ୟରେ  ପ୍ରକାଶ କରିଥିଲେ । କିନ୍ତୁ ବିଶ୍ଵର ଅନେକେ ଏହାର ଭିନ୍ନ ମତ ରଖନ୍ତି, ତଥାପି ଆଧୁନିକ ବିଜ୍ଞାନ ର ତ୍ୱାତ୍ତିକପ୍ରମାଣ ଦ୍ୱାରା ଏହା ପ୍ରମାଣିତ ଯେ ଏହା ପ୍ରାୟ ୧୦୦୦୦ ବର୍ଷରୁ ଉର୍ଦ୍ଧ୍ୱ ପୂରୁଣା ଅଟେ । ସେଥିପାଇଁ ସମସ୍ତ ବିଶ୍ୱର ମାନ୍ୟତା ଯେ ଏହା ସର୍ବପ୍ରଥମ ଓ ସର୍ବପୂରାତନ । ତେବେ ଏହା ସର୍ବପୂରାତନ ସାହିତ୍ୟ କେମିତି ? କୌଣସି ଭାଷା କେବଳ ୩ଗୋଟି ମାଧ୍ୟମରେ ପରିପ୍ରକାଶ ହୋଇ ପାରେ, ଯଥା - ପଦ୍ୟ, ଗଦ୍ୟ ଓ ସଂଗୀତ । ବେଦର ବିଭାଜନର ମୂଖ୍ୟ ଆଧାର ଏହା ହିଁ ଥିଲା ଅର୍ଥାତ୍ ସାହିତ୍ୟ ବିଶେଷ ତଥା ଏହା ତାହାର ପାଠଶୈଳୀ ସହିତ ଜଡିତ ମଧ୍ୟ । ବେଦର ସମସ୍ତ ମନ୍ତ୍ରସମୂହଙ୍କୁ ୩ଗୋଟି ଭାଗରେ ବିଭକ୍ତ କରାଯାଇଛି - ଯଥା ପଦବଦ୍ଧ ମନ୍ତ୍ରସମୂହ ଅର୍ଥାତ୍ ପଦ୍ୟ; ପଦବଦ୍ଧ ମନ୍ତ୍ରସମୂହ କିନ୍ତୁ ପାଠ୍ୟଶୈଳୀ ଗଦ୍ୟ ପ୍ରକାର;  ପୂନଃ ପଦବଦ୍ଧ ମନ୍ତ୍ର କିନ୍ତୁ ପାଠ୍ୟଶୈଳୀ ସଂଗୀତ ପ୍ରକାର । ତେଣୁ ଏହାର ପରିପ୍ରକାଶ ପଦ୍ୟ, ଗଦ୍ୟ ଓ ସଂଗୀତ ଅଟେ, ସେଥିପାଇଁ ଏହା ବିଶ୍ୱର ସର୍ବପୂରାତନ ସାହିତ୍ୟ ଅଟେ ।

### ବେଦତ୍ରୟୀ

ବେଦର ସମସ୍ତ ମନ୍ତ୍ରସମୂହଙ୍କୁ ୩ଟି ଗୁଣ ତଥା ୩ଟି ପାଠ୍ୟଶୈଳୀ ରେ ବିଭାଜନ କରାଯାଇଅଛି । ପଦ୍ୟମନ୍ତ୍ରଙ୍କୁ ଋକ୍-ବେଦରେ, ଗଦ୍ୟମନ୍ତ୍ରଙ୍କୁ ଯଜୁସ୍ ଓ ପଦବଦ୍ଧମନ୍ତ୍ରଙ୍କୁ ସଂଗୀତ ଆକାରରେ ଗାୟନକୁ ସାମନ୍ ଭାବରେ ବିଭକ୍ତ କରାଯାଇଅଛି । ତେଣୁ ୩ଟି ଗୁଣ (ଋକ୍, ଯଜୁସ୍, ସାମନ୍) ଓ ୩ଟି ଶୈଳୀ (ପଦ୍ୟ, ଗଦ୍ୟ, ସଂଗୀତ), ଏହାଙ୍କୁ "ବେଦତ୍ରୟୀ" କୁହାଯାଏ ।

Not For Commercial Use

## ବେଦଚତୁଷ୍ଟୟୀ

ଏବେ ମନରେ ପ୍ରଶ୍ନ ଉଠିପାରେ ଯେ ଆମେ ବେଦଙ୍କୁ ବେଦତ୍ରୟୀ କହିବା, ଅଥବା ବେଦଚତୁଷ୍ଟୟୀ କହିବା ? କାରଣ ବେଦ ୪ଟି, ଯଥା - ଋକ, ଯଜୁ, ସାମ ଓ ଅଥର୍ବ । ଏହାର ଉତ୍ତର - ଏହା ବେଦତ୍ରୟୀ ଅଟନ୍ତି ଓ ବେଦଚତୁଷ୍ଟୟୀ ମଧ୍ୟ ଅଟନ୍ତି ।

ବେଦର ସାହିତ୍ୱିକ ଓ ପାଠ୍ୟଶୈଳୀ ଦୃଷ୍ଟିକୋଣରୁ ଏହା ବେଦତ୍ରୟୀ ଯଥା - ପଦ୍ୟ, ଗଦ୍ୟ ଓ ସଂଗୀତ । କିନ୍ତୁ ଜ୍ଞାନର ବିଷୟ ଦୃଷ୍ଟିକୋଣରୁ ଏହା ୪ଗୋଟି ଅଟନ୍ତି - ଯଥା - ଋକ୍-ବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବବେଦ । ଏହାର ସ୍ୱଷ୍ଟତା ନିମ୍ନରେ ଦିଆଯାଇଛି ।

**ବେଦତ୍ରୟୀ** - ପଦ୍ୟମନ୍ତ୍ର, ଗଦ୍ୟମନ୍ତ୍ର ଓ ସଂଗୀତମନ୍ତ୍ର ସମୂହ ।

**ବେଦଚତୁଷ୍ଟୟୀ** - ଗୁଣବର୍ଣ୍ଣନ ମନ୍ତ୍ରସମୂହ ବା ଜ୍ଞାନଯୁକ୍ତ ମନ୍ତ୍ରସମୂହ (ଋକ୍-ବେଦ), ଯଜ୍ଞକର୍ମ ମନ୍ତ୍ରସମୂହ (ଯଜୁର୍ବେଦ), ସଂଗୀତ ମନ୍ତ୍ରସମୂହ (ସାମବେଦ), ବ୍ରହ୍ମଜ୍ଞାନ ମନ୍ତ୍ରସମୂହ (ଅଥର୍ବବେଦ) ।

# ସାମବେଦ ଏକ ବିଭୂତି

ଭଗବାନ ଶ୍ରୀକୃଷ୍ଣ ଶ୍ରୀମଦ୍ଭ ଭଗବତ ଗୀତାରେ କହିଛନ୍ତି - "**ବେଦାନାଂ ସାମବେଦୋଽସ୍ମି**", ଅର୍ଥାତ୍ ବେଦମାନଙ୍କ ମଧ୍ୟରେ ସାମବେଦ ମୁଁ ଅଟେ, ଅନ୍ୟ ଦୃଷ୍ଟିକୋଣରୁ ସାମବେଦ ବେଦମାନଙ୍କ ମଧ୍ୟରେ ଭଗବାନଙ୍କ ଏକ ବିଭୂତି ଅଟେ । ପଦ୍ୟ, ଗଦ୍ୟ ଓ ଗାୟନ ମାନଙ୍କ ମଧ୍ୟରେ, ଗାୟନ ମନ ଉପରେ ଅଧିକ ପ୍ରଭାବ ପକାଇଥାଏ ଯାହାକୁ ସମସ୍ତେ ଅଳ୍ପାଧିକେ ଅନୁଭବ କରିଥିବେ । ଗାୟନ ସାଧାରଣ ମନୁଷ୍ୟ, ରୋଗୀ, ବୃକ୍ଷଲତା, ଓ ପଶୁପକ୍ଷୀ ମାନଙ୍କ ଉପରେ ମଧ୍ୟ ପ୍ରଭାବ ପକାଇଥାଏ ।

ଏହି ସାମଗାନର ପଦ୍ଧତି ଓ ଆଧୁନିକ ଗାନ ପଦ୍ଧତିରେ ସାମାନ୍ୟ ଅନ୍ତର ଥାଏ । ସାମଗାନରେ ସ୍ୱରକୁ ଉଚ୍ଚ ଆଳାପରୁ ଆରମ୍ଭକରି ଧୀରେଧୀରେ ନିଚ ଆଳାପ ପର୍ଯ୍ୟନ୍ତ ଅଣାଯାଇଥାଏ । ତେଣୁ ସାମଗାନ ଶୁଣିଲେ ଉଶୃଙ୍ଖଳ ମନ ଶାନ୍ତି ପ୍ରାପ୍ତ କରେ, ଯାହା ଫଳରେ ତୃପ୍ତି ପ୍ରାପ୍ତ ହୁଏ । ଆଧୁନିକ ପଦ୍ଧତି ଗାନରେ ଉଚ୍ଚ ଓ ନିଚ ସ୍ୱରମାନଙ୍କର ମିଶ୍ରଣ ଥାଏ, ଯାହା ଶୁଣିଲେ ମନକୁ ଅଧିକ ଶାନ୍ତି ମିଳେ ନାହିଁ । ଏହା ହିଁ ଦୁଇ ପ୍ରକାର ପଦ୍ଧତି ମଧ୍ୟରେ ପ୍ରାର୍ଥକ୍ୟ । ସେଇଥିପାଇଁ ମନକୁ ଶାନ୍ତ କରାଇବା ପାଇଁ ସାମଗାନ ଶ୍ରବଣ ଲାଭଦାୟକ ଅଟେ ।

Not For Commercial Use

ଏହି ସାମବେଦର ଗୀତଯୁକ୍ତ ବିଭୂତିତ୍ୱ ଯାହାକୁ ଶ୍ରବଣକଲେ ଉଶୃଙ୍ଖଳ ମନକୁ ଶାନ୍ତି ମିଳେ । ମହାଭାରତର ଅନୁଶାସନପର୍ବରେ ମଧ୍ୟ କୁହାଯାଇଛି –

**ସାମବେଦଶ୍ଚ ବେଦାନାଂ ଯଜୁଷାଂ ଶତରୁଦ୍ରିୟମ୍ । (ମ. ଭା. - ୧୪।୩।୭)**

ଚାରୋଟି ବେଦମାନଙ୍କ ମଧ୍ୟରେ "ସାମବେଦ" ଓ ଯଜୁର୍ବେଦର "ଶତରୁଦ୍ରିୟ" ବିଶେଷ ମହତ୍ତ୍ୱର ଗ୍ରନ୍ଥ ଅଟନ୍ତି।

ଗୀତାରେ କୁହାଯାଇଛି - **ପ୍ରଣବଃ ସର୍ବବେଦେଷୁ ।। (ଗୀ - ୭।୮)**

ତଥା ମହାଭାରତରେ ମଧ୍ୟ - **ଓଂକାରଃ ସର୍ବବେଦାନାମ୍ ।। (ମହା ଅଶ୍ୱମେଧ - ୪୪।୬)**

ଏଠାରେ ଓଂକାରର ଶ୍ରେଷ୍ଠତା ବିଷୟରେ କୁହାଯାଇଛି, ଏହି ଓଂକାରର ପ୍ରଶଂସାରେ ସାମବେଦର ମହତ୍ତ୍ୱର ନ୍ୟୂନତା ଆସିଯିବ, ଏକଥା ନୁହେଁ । କାରଣ "ଓଂକାର" ଓ "ଉଦ୍ଗୀଥ" ଦୁଇଟି ସମାନାର୍ଥକ ଅଟନ୍ତି ଏବଂ ଉଦ୍ଗୀଥ ସାମବେଦର ସାର ଅଟେ ।

ଛାନ୍ଦୋଗ୍ୟ ଉପନିଷଦରେ କୁହାଯାଇଛି - **ସାମ୍ନଃ ଉଦ୍ଗୀଥୋ ରସଃ ।। (ଛା. ଉ - ୧।୧।୨)**

"ସାମର ରସ ଉଦ୍ଗୀଥ ଅଟେ" । ଏହିଭଳି ସାମବେଦର ମହତ୍ତ୍ୱ ବର୍ଣ୍ଣିତ ଅଛି ।

ଏହି ସାମବେଦ ହିଁ ଭଗବାନଙ୍କର ବିଭୂତି କାହିଁକି ? ଏହା ଭିତରେ କେଉଁ ବିଶେଷତା ରହିଛି, ଏହାର ଏବେ ବିଚାର କରିବା –

**ଯଦ୍ୟଦ୍ୱିଭୂତିମତ୍ସତ୍ତ୍ୱଂ ଶ୍ରୀମଦୂର୍ଜିତମେବ ବା ।**
**ତତ୍ତଦେବାବଗଚ୍ଛେ ତ୍ୱଂ ମମ ତେଜୋଂଽଶସମ୍ଭବମ୍ ।। (ଗୀ - ୧୦।୪୧)**

ବିଭୂତିର ଏହି ଲକ୍ଷଣ ଗୀତାରେ କୁହାଯାଇଛି – "ଯେଉଁ ସବୁ ବିଭୂତିଯୁକ୍ତ ଅର୍ଥାତ ଐଶ୍ୱର୍ଯ୍ୟଯୁକ୍ତ, କାନ୍ତିଯୁକ୍ତ ଓ ଶକ୍ତିଯୁକ୍ତ ବସ୍ତୁ ଅଛି, ସେସବୁକୁ ତୁମେ ମୋ ତେଜର ଆଂଶିକ ଅଭିବ୍ୟକ୍ତି ବୋଲି ହିଁ ଜାଣ" । ଏହି ଲକ୍ଷଣ ଆଧାରରେ ସାମବେଦରେ ନିଃସନ୍ଦେହ ଏକ ବିଭୂତି ରହିଅଛି । ସାମବେଦ ଗାୟନରୂପ ହେବା କାରଣରୁ "ଶବ୍ଦବ୍ରହ୍ମ"କୁ ଗାୟନରୂପୀ ଭିଭୂତି କୁହାଯାଏ । ତାନ ଅଥବା ଆଳାପରୁ ସାମବେଦର ଶୋଭା



Not For Commercial Use

ଦେଖାଯାଇଥାଏ, ଏହା ହିଁ ଏହାର  ଶ୍ରୀମତ୍ତ୍ୱ ଅଟେ । ସେଇଭଳି ଏହି ସାମବେଦର ସମ-ଉର୍ଜିତ-ତତ୍ତ୍ୱ ବିକାର, ବିଶ୍ଳେଷଣ, ବିକର୍ଷଣ, ଅଭ୍ୟାସ, ବିରାମ, ସ୍ତୋଭ ଆଦି ଗାନମାନଙ୍କର ଯୋଜନାରୁ ଶ୍ରୋତାମାନଙ୍କୁ ଅନୁଭବ ହୋଇଥାଏ । ସାଧାରଣ ଗଦ୍ୟ ଅପେକ୍ଷା ଛନ୍ଦ, ଛନ୍ଦ ଅପେକ୍ଷା କାବ୍ୟ, କାବ୍ୟ ଅପେକ୍ଷା ଗାୟନ ଓ ଗାୟନରେ ତାନମାନଙ୍କର ଆଳାପ ବିଶେଷ ପ୍ରଭାବଶାଳୀ ହୋଇଥାଏ । ଏହି କାରଣରୁ ସାମବେଦର ବିଶେଷ ମହତ୍ତ୍ୱ ରହିଅଛି । ଏହା ମଧ୍ୟ ଛାନ୍ଦୋଗ୍ୟ ଉପନିଷଦରେ କୁହାଯାଇଛି –

**ବାଚଃ ଋଗ୍ରସଃ, ଋଚଃ ସାମରସଃ | ସାମ୍ନ ଉଦ୍ଗୀଥୋ ରସଃ || (ଛା.ଉ - ୧|୧|୨)**

ଅର୍ଥାତ୍ "ବାଣୀର ରସ ଋଚା ଅଟେ, ଋଚାର ରସ ସାମ ଅଟେ" । ଆଉ ମଧ୍ୟ କୁହାଯାଇଛି –

**ସାମବେଦ ଏବ ପୁଷ୍ପମ୍ | (ଛା.ଉ - ୩|୩|୧)**

"ଯେଉଁପରି ବୃକ୍ଷର ପତ୍ର ଓ ଫୁଲ ମଧ୍ୟରେ ଫୁଲ ବିଶେଷ ଶୋଭାଦାୟକ ହୋଇଥାଏ, ସେହିପରି ଗାୟନରୂପ ହୋଇଥିବା କାରଣରୁ ସାମବେଦ ବେଦବୃକ୍ଷର ଫୁଲ ଅଟେ ।

# ସାମବେଦର ଅର୍ଥ

ସାମବେଦର ଅର୍ଥ ଓ ଏହାର ସ୍ୱରୂପ କ'ଣ ? ସାମବେଦର ଅର୍ଥ କ'ଣ କେବଳ ମନ୍ତ୍ର ସଂଗ୍ରହ ଅଟେ, ଅଥବା କେବଳ ଗାନମୟ ଅଟେ ? ଆସନ୍ତୁ ଏହାର ବିଚାର କରିବା । ଛନ୍ଦୋଗ୍ୟ ଉପନିଷଦରେ କୁହାଯାଇଛି –

**ୟା ଋକ୍ ତତ୍ସାମ | (ଛା.ଉ - ୧|୩|୪)**

"ସାମ ଋଚାମାନଙ୍କର ସଂଗ୍ରହ ଅଟେ" । ଆଉ ମଧ୍ୟ କୁହାଯାଇଛି –

**ଋଚି ଅଧ୍ୟୂଢଂ ସାମ | (ଛା.ଉ - ୧|୬|୧)**

"ସାମ ଋଚା ଉପରେ ଆଧାରିତ" । ସାମ ଋଚାମାନଙ୍କୁ ଛାଡି ଆଉ କାହାର ଆଶ୍ରିତ ନୁହେଁ ।

ଋକ୍-ବେଦ ଓ ସାମବେଦ ଏକ "ସ୍ତ୍ରୀ-ପୁରୁଷ"ର ଯୋଡ଼ି ସଦୃଶ ଅଟନ୍ତି, ଏହା ମଧ୍ୟ କୁହାଯାଇଛି –

Not For Commercial Use

**ଅମୋଽହମସ୍ମି ସା ତ୍ୱଂ, ସାମାହମସ୍ମି ଋକ୍ ତ୍ୱଂ | ଦୌରହଂ ପୃଥିବୀ ତ୍ୱଂ |**
**ତାବିହ ସଂଭବାବ, ପ୍ରଜାମାଜନୟାବହୈ |**
(ଅଥର୍ବବେଦ - ୧୪|୨|୭୧; ଐ.ବ୍ରା - ୮|୨୭; ବୃ.ଉ - ୬|୪|୨୦)

ମୁଁ ପତି "ଅମ" ଅଟେ ଓ ତୁମେ ସ୍ତ୍ରୀ "ଋଚା" ଅଟ, "ସାମ" ମୁଁ ଅଟେ ଓ ତୁମେ "ଋଚା" ଅଟ, "ଦ୍ୟୌ (ସ୍ୱର୍ଗ)" ମୁଁ ଅଟେ ଓ ତୁମେ ପୃଥିବୀ ଅଟ, ଆମେ ଦୁହେଁ ମିଶିକରି ଯେଉଁଠି ଉତ୍ପନ୍ନ ହୋଇଆସୁଛୁ, ପ୍ରଜା ଉତ୍ପନ୍ନ କରନ୍ତୁ | ଏଥିରେ ସାମ ଶବ୍ଦର ବ୍ୟୁତ୍ପତ୍ତି ଦିଆଯାଇଛି | "**ସା+ଅମ = ସାମଃ**" | "ସା"ର ଅର୍ଥ "ଋଚା" ଓ "ଅମ"ର ଅର୍ଥ ଆଳାପ, ଅତଃ "ସାମ"ର ଅର୍ଥ ଋଚାମାନଙ୍କୁ ଆଧାରକରି କରାଯାଉଥିବା ଗାନ ସମୂହ ଅଟନ୍ତି |

## ପାଦବଦ୍ଧମନ୍ତ୍ରମାନଙ୍କର ଗାନ

ଋକ୍-ବେଦ ଓ ଅଥର୍ବବେଦରେ ପାଦବଦ୍ଧମନ୍ତ୍ରମାନ ଅଛନ୍ତି | "ପତି-ପତ୍ନୀ"ଙ୍କ ସମାନ ସାମ ଓ ଋଚାର ସମ୍ବନ୍ଧ ଅଟେ | ଉପନିଷଦରେ ଏମାନଙ୍କର ଅନ୍ୟ ଏକ ସମ୍ବନ୍ଧ ଦେଖାଯାଏ, ତାହା ଏହି ପ୍ରକାରର -

**ବାକ୍ ଚ ପ୍ରାଣଶ୍ଚ, ଋକ୍ ଚ ସାମ ଚ | (ଛା.ଉ - ୧|୧|୫)**
**ବାଗେବ ସା ପ୍ରାଣୋଽମସ୍ତତ୍ସାମ | (ଛା.ଉ - ୧|୭|୧)**

ବାଣୀ ଓ ପ୍ରାଣ କ୍ରମଶଃ ଋକ୍ ଓ ସାମ ଅଟନ୍ତି | ବାଣୀ ଋଚା ଅଟନ୍ତି ଓ ପ୍ରାଣ ସାମ ଅଟନ୍ତି | ବାଣୀ ଓ ପ୍ରାଣର ଯେଉଁପରି ସମ୍ବନ୍ଧ ସେହିପରି ଋଚା ଓ ସାମ ର ସମ୍ବନ୍ଧ ଅଟେ |

## ସ୍ୱର-ମଣ୍ଡଳ

ଋଚାମାନଙ୍କର ଅର୍ଥ ପାଦବଦ୍ଧମନ୍ତ୍ର ସମୂହ | ଏହି ମନ୍ତ୍ରମାନଙ୍କୁ ଷଡ୍‌ଜ, ମଧ୍ୟମ ଆଦି ସ୍ୱରରେ ଆଳାପ କରାଯାଇଥାଏ | ସେହିଥିପାଇଁ ଏହା କୁହାଯାଇଛି –

**ଗୀତିଷୁ ସାମାଖ୍ୟା | (ଜୈ.ସୂ - ୨|୧|୩୬)**

ବେଦମନ୍ତ୍ରମାନଙ୍କର ଗାନର ସଂଜ୍ଞା "ସାମ" ଅଟନ୍ତି | ନା କେବଳ ମନ୍ତ୍ରପାଠ "ସାମ"ର ସଂଜ୍ଞା, ନା କେବଳ ଗାନ "ସାମ"ର ସଂଜ୍ଞା ଅଟେ, ପରନ୍ତୁ ଏହି ଦୁଇଙ୍କର ମିଶ୍ରଣକୁ "ସାମ"ର ସଂଜ୍ଞା କୁହାଯାଏ | ଛାନ୍ଦୋଗ୍ୟ ଉପନିଷଦରେ ଶାଳାବତ୍ୟ, ଦାଲ୍‌ଭ୍ୟଙ୍କ ସଂବାଦରେ କହିଛନ୍ତି –



Not For Commercial Use

**କା ସାମ୍ନୋ ଗତିରିତି? ସ୍ୱର ଇତି ହୋବାଚ | (ଛା.ଉ - ୧|୮|୪)**

"ସାମ"ର ଗତି କ'ଣ ? ସ୍ୱର-ଆଳାପ ହିଁ ସାମର ଗତି ଅଟେ । ସ୍ୱର ଅଥବା ଆଳାପ ବିନା ସାମ ସମ୍ଭବ ନୁହେଁ, ତଥା -

**ତସ୍ୟ ହୈତସ୍ୟ ସାମ୍ନୋ ୟଃ ସ୍ୱଂ ବେଦ, ଭବତି ହାସ୍ୟଂ ସ୍ୱଂ,**
**ତସ୍ୟ ସ୍ୱର ଏବ ସ୍ୱମ୍ | (ବୃ.ଉ - ୧|୩|୨୫)**

"ସାମର ସ୍ୱରୂପ ଆଳାପ ଅଟେ ।" ଏହି ସାମର ସ୍ୱର ସମ୍ବନ୍ଧିୟ ଶିକ୍ଷା ତଥା ସ୍ୱରମଣ୍ଡଳମାନଙ୍କର ଗଣନା "**ନାରଦୀୟଶିକ୍ଷା**" ଯାହାକି ଦେବର୍ଷି ନାରଦଙ୍କ ଦ୍ୱାରା ପ୍ରକଟିତ କରାଯାଇଥିଲା, ସେଥିରେ ଏହି ପ୍ରକାର କୁହାଯାଇଛି –

**ଆର୍ଚିକଂ ଗାଥିକଂ ଚୈବ ସାମିକଂ ଚ ସ୍ୱରାନ୍ତରମ୍ |**
**କୃତାନ୍ତେ ସ୍ୱର ଶାସ୍ତ୍ରାଣାଂ ପ୍ରୟୋକ୍ତବ୍ୟଂ ବିଶେଷତଃ || ୧-୨ ||**

ନାରଦମୁନୀ ତାଙ୍କ ଶିଷ୍ୟମାନଙ୍କୁ କହୁଛନ୍ତି - ଯଦିଚ ସମସ୍ତ ସ୍ୱର **ଓଁ** ରୁ ସୃଷ୍ଟି, ତଥାପି ଏହା **ଊର୍ଦ୍ଧ୍ୱ, ମଧ୍ୟମ** ଓ **ଅଧଃସ୍ଥାନ** ଆଦି ଅନେକ ଭେଦରେ ପ୍ରାପ୍ତ ହୁଅନ୍ତି । ଋକ୍, ଯଜୁ, ସାମ ଆଦି ବେଦମାନଙ୍କରେ **ଭିନ୍ନ ଭିନ୍ନ** ସ୍ୱର ଦ୍ୱାରା ପାଠ କରାଯାଇଥାଏ ଓ ଏହା କଣ୍ଠ, ହସ୍ତ ଓ ଅଙ୍ଗୁଳି ଆଦି ଚାଳନା ମାର୍ଗରେ ପ୍ରଦର୍ଶିତ ହୁଅନ୍ତି ।

(ତିନୋଟି ସ୍ୱରସ୍ତର ସମ୍ବନ୍ଧରେ - Scales)

**ଉରଃ କଣ୍ଠଃ ଶିରଶ୍ଚୈବ ସ୍ଥାନାନି ତ୍ରିଣିବାଙ୍-ମୟେ |**
**ସବନାନ୍ୟାହୁରେତାନି ସାମ ବାଂପ୍ୟର୍ଥତୋନ୍ତରମ୍ || ୧-୭ ||**

ନାରଦମୁନୀ କହୁଛନ୍ତି - ଏହି **ଉଚ୍ଚ, ନିଚ** ଓ **ମଧ୍ୟମ** ସ୍ୱର ଉତ୍ପତି, ଏମାନଙ୍କର ସ୍ଥାନ ଓ କାଳ ସମ୍ବନ୍ଧରେ କହୁଛି ଶୁଣ । ବାଣୀ ୪ ପ୍ରକାରର ଅଟନ୍ତି, ଯଥା ପରା, ପଶ୍ୟନ୍ତୀ, ମଧ୍ୟମା ଓ ବୈଖରୀ । ଏଥି ମଧ୍ୟରୁ ପରାବାଣୀ ବିନ୍ଦୁରୂପ ଅଟେ, ଯାହାର ସ୍ଥାନ ନାଭିକମଳ ଓ ଏହା ଯୁକ୍ତ (+) ଯୋଗୀ ଅଟେ, ତଥା ଏହା ସର୍ବଦୈବ ଜ୍ଞାନ । ୨ୟ ଟି ପଶ୍ୟନ୍ତି, ଏହା ଯୁଞ୍ଜାନ୍ ଅର୍ଥାତ୍ ଯାହାର ବିଚାର କଲେ ଜ୍ଞାନ ପ୍ରାପ୍ତ ହୁଏ, ଏହାର ସ୍ଥାନ ନାଭିରୁ ହୃଦୟ ପର୍ଯ୍ୟନ୍ତ, ଏହା କ୍ରିୟାରୂପ ଅଟେ । ୩ୟଟି ମଧ୍ୟମା, ଏହା ଅର୍ଥରୂପ ଅଟେ, ଏହାର ସ୍ଥାନ ହୃଦୟ ଅଟେ ଯେଉଁଠାରେ ଅର୍ଥଯୁକ୍ତ ଶବ୍ଦମାନଙ୍କୁ ବ୍ୟକ୍ତ କରିବା ପୂର୍ବରୁ ବିଚାର କରାଯାଏ କିନ୍ତୁ ଏଠାରେ ବର୍ଣ୍ଣ ମାନଙ୍କର ଉଚ୍ଚାରଣ କରାଯାଏ ନାହିଁ । ୪ଥ ଟି ବୈଖରୀ ବାଣୀ, ଏହା ବର୍ଣ୍ଣଯୁକ୍ତ, ଓ ଏଠାରେ

Not For Commercial Use

ଅନ୍ତଃକରଣର ଭାବାର୍ଥ ପ୍ରକଟିତ କରାଯାଏ । ବୈଖରୀ ବାଣୀର ଉର, କଣ୍ଠ ଓ ଶିର - ଏହିପରି ୩ଟି ଉଚ୍ଚାରଣ ସ୍ଥାନ ଅଟନ୍ତି । ପ୍ରାତଃ, ମଧ୍ୟାହ୍ନ ଓ ସାୟଂ ଏହି ୩ଟି କାଳ ଯାହାଙ୍କୁ ଯାଜ୍ଞିକ ଲୋକମାନେ ସବନ କହନ୍ତି । ଏହି ୩ ସ୍ଥାନରୁ **ମନ୍ଦ୍ର**, **ମଧ୍ୟ** ଓ **ତାର** ସ୍ୱର କ୍ରମନ୍ୱୟରେ ଉତ୍ପନ୍ନ ହୁଏ ଓ ଏମାନେ କ୍ରମନ୍ୱୟରେ ପ୍ରାତଃ, ମଧ୍ୟାହ୍ନ ଓ ସାୟଂ କାଳ ସହିତ ଜଡିତ ଅଟନ୍ତି ।

**ଉରଃ ସପ୍ତବିଚାରଂ ସ୍ୟାତ୍ତଥା କଣ୍ଠସ୍ତଥାଶିରଃ ।**
**ନ ଚ ସପ୍ତୋରସି ବ୍ୟକ୍ତାସ୍ତଥା ପ୍ରାବଚନୋବିଧିଃ ।। ୧-୮ ।।**

ଉରଃ, ଅର୍ଥାତ୍ ହୃଦୟଦେଶରେ ସା, ରେ, ଗା ଆଦି ସପ୍ତସ୍ୱର ଉତ୍ପନ୍ନ ହୋଇଥାଏ, ଯାହାକୁ ଆଧୁନିକ ଜନ "ସ୍ୱରଜ" କୁହନ୍ତି । ସେହିପରି କଣ୍ଠଦେଶରେ ସାତସ୍ୱରମାନଙ୍କର ଉଚ୍ଚାରଣ ହୁଏ ଓ "ତା'ର ସ୍ୱର" ଶିରଭାଗରେ ଉଚ୍ଚାରଣ ହୁଏ ଯାହାକୁ "ସପ୍ତକ" (ସାତସ୍ୱର) କୁହନ୍ତି । ହୃଦୟଦେଶରେ ସ୍ୱର ଅବ୍ୟକ୍ତ ହୋଇଥାଏ, ତେଣୁ ଏହାକୁ "ପ୍ରବଚନବିଧି" କୁହନ୍ତି ।

**ସପ୍ତସ୍ୱରାସ୍ତ୍ରୟୋ ଗ୍ରାମା ମୂର୍ଚ୍ଛନାସ୍ତ୍ୱେକବିଂଶତିଃ ।**
**ତାନା ଏକୋନପଞ୍ଚାଶ-ଦିତ୍ୟେତତ୍ସ୍ୱର ମଣ୍ଡଳମ୍ ।। ୨-୪ ।।**

ସାତସ୍ୱର (ସା, ରେ, ଗା, ମା, ପା, ଧା, ନି), ୩ଟି ଗ୍ରାମ (ଷଡ୍ଜ, ମଧ୍ୟମ ଓ ଗାନ୍ଧାର), ୨୧ଟି ମୂର୍ଚ୍ଛନା ଓ ୪୯ଟି ତାନ, ଏହି ସମସ୍ତକୁ **"ସ୍ୱରମଣ୍ଡଳ"** କୁହାଯାଏ ।

**ଷଡ୍ଜଶ୍ଚ ଋଷଭଶ୍ଚୈବ ଗାନ୍ଧାରୋ ମଧ୍ୟମସ୍ତଥା ।**
**ପଞ୍ଚମୋ ଧୈବତଶ୍ଚୈବ ନିଷଦଃ ସପ୍ତମଃ ସ୍ୱରଃ ।। ୨-୫ ।।**

ଷଡ୍ଜ, ଋଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ ଓ ନିଷାଦ ଏହି ସାତସ୍ୱର ଅଟନ୍ତି ।

**ଷଡ୍ଜ-ମଧ୍ୟମ-ଗାନ୍ଧାରା ସ୍ତ୍ରୟୋଗ୍ରାମାଃ ପ୍ରକୀର୍ତିତାଃ ।**
**ଭୂର୍ଲୋକାଜ୍ଜାୟତେ ଷଡଜୋ ଭୁବର୍ଲୋକାଚ୍ଚ ମଧ୍ୟମଃ ।। ୨-୬ ।।**
**ସ୍ୱର୍ଗାତ୍ନାନ୍ୟତ୍ର ଗାନ୍ଧାରୋ ନାରଦସ୍ୟ ମତଂ ଯଥା ।**
**ସ୍ୱରରାଗ ବିଶେଷେଣ ଗ୍ରାମ ରାଗା ଇତି ସ୍ମୃତାଃ ।। ୨-୭ ।।**

ଷଡ୍ଜ, ମଧ୍ୟମ, ଓ ଗାନ୍ଧାର ଏହି ତିନୋଟି ଗ୍ରାମ (ସ୍ୱର ସମୁହ), ପ୍ରଥମଟି ଭୂଲୋକରୁ ଉତ୍ପନ୍ନ ହୋଇଅଛି, ୨ୟଟି ଭୁବଲୋକରୁ ଉତ୍ପନ୍ନ ହୋଇଅଛି ଓ ୩ୟଟି ସ୍ୱର୍ଗଲୋକରୁ ଉତ୍ପନ୍ନ ହୋଇଅଛି । ଏହା ନାରଦମୁନୀ କୁହନ୍ତି ।

Not For Commercial Use

(ପ୍ରକୃତି ଓ ସ୍ୱରର ସମ୍ବନ୍ଧ)

**ଷଡ୍‌ଜଂ ବଦତି ମୟୂରୋ ଗାବୋ ରଂଭନ୍ତି ଚର୍ଷଭମ୍ |**
**ଅଜାବିକେତୁ ଗାନ୍ଧାରମ୍ କ୍ରୌଚୋ ବଦତି ମଧ୍ୟମମ୍ || ୫-୩||**
**ପୁଷ୍ପସାଧାରଣେ କାଲେ କୋକିଲା ବଦତି ପଞ୍ଚମମ୍ |**
**ଅଶ୍ୱସ୍ତୁ ଧୈବତଂ ବକ୍ତି ନିଷାଦଂ ବକ୍ତି କୁଞ୍ଜରଃ || ୫-୪||**

ଶାସ୍ତ୍ରଜ୍ଞମାନେ ସାଧାରଣତ ଏହି ନିୟମ କୁହନ୍ତି ଯେ - ମୟୂରର ସ୍ୱରକୁ ଷଡ୍‌ଜ କୁହନ୍ତି, ଗୌ (ଗାଇ)ର ସ୍ୱରକୁ ଋଷଭ, ତଥା ଛାଗଳ ଅଥବା ଗଧିଆର ସ୍ୱରକୁ ଗାନ୍ଧାର ଓ କ୍ରୋଚ (ସାରସ)ର ସ୍ୱରକୁ ମଧ୍ୟମ କୁହନ୍ତି | ବସନ୍ତଋତୁରେ କୋକିଳ ପଞ୍ଚମ ସ୍ୱରର ଉଚ୍ଚାରଣ କରେ, ଘୋଡ଼ା ଧୈବତ ସ୍ୱର କରେ, ଓ ହାତୀ ନିଷାଦ ସ୍ୱର ଉଚ୍ଚାରଣ କରିଥାଏ |

(ସ୍ୱରମାନଙ୍କର ସ୍ଥାନ)

**କଣ୍ଠାଦୁତ୍ତିଷ୍ଠତେ ଷଡ୍‌ଜଃ ଶିରସସ୍ତ୍ୱ-ବୃଷଭଃ ସ୍ମୃତଃ |**
**ଗାନ୍ଧାରସ୍ତ୍ୱନୁନାସିକ୍ୟ ଉରସୋ ମଧ୍ୟମଃ ସ୍ୱରଃ || ୫-୫||**
**ଉରସଃ ଶିରସଃ କଣ୍ଠାଦୁତ୍ଥିତଃ ପଂଚମଃ ସ୍ୱରଃ |**
**ଲଲାଟାଦ୍ଧୈବତଂ ବିଦ୍ୟାନ୍ନିଷାଦଂ ସର୍ବସନ୍ଧିଜମ୍ || ୫-୬||**

କଣ୍ଠରୁ ଷଡ୍‌ଜ ବୋଲାଯାଏ, ଋଷଭ ଶିର (ମୁଣ୍ଡ)ରୁ ଉତ୍ପନ୍ନ ହୋଇଥାଏ, ଅନୁନାସିକ (ନାକ) ଗାନ୍ଧାରର ସ୍ଥାନ ଅଟେ ଓ ମଧ୍ୟମ ଉର (ଛାତି)ର ସ୍ଥାନ ଅଟେ । ଉର,ଶିର ଓ କଣ୍ଠରୁ ପଂଚମ ସ୍ୱର ବାହାରିଥାଏ, ଲଲାଟରୁ ଧୈବତ ଓ ସଂପୂର୍ଣ୍ଣ ସନ୍ଧିସ୍ଥାନରୁ ନିଷାଦ ଉତ୍ପନ୍ନ ହୋଇଥାଏ ।

**ନାସାକଣ୍ଠମୁରସ୍ତାଲୁ ଜିହ୍ୱା ଦନ୍ତାଁଶ୍ଚ ସଂସ୍ଥିତଃ |**
**ଷଡ୍‌ଭିଃ ସଂଜାୟତେ ଯସ୍ମାତ୍ତସ୍ମାତ୍‌ଷଡ୍‌ଜ ଇତି ସ୍ମୃତଃ || ୫-୭||**

ନାସିକା, କଣ୍ଠ, ଉର, ତାଲୁ, ଜିହ୍ୱା, ଓ ଦନ୍ତ, ଏହି ୬ଟି ସ୍ଥାନରୁ ଷଡ୍‌ଜ ସ୍ୱରର ଉତ୍ପତ୍ତି ବୋଲି ଜାଣ ।
ଏହିପାଇଁ ଏହାକୁ ଷଡ୍‌ଜ ବୋଲି ଯୌଗିକ ସଂଜ୍ଞା ଦିଆଯାଇଛି - **ଷଡ୍-ଭ୍ୟୋଜାତଃ ଷଡ୍‌ଜଃ** ।

Not For Commercial Use

(ଶରୀରରେ ସ୍ୱରର ଉତ୍ପତ୍ତି)

**ବାୟୁଃ ସମୁତ୍ଥିତୋ ନାଭେଃ କଂଠଶୀର୍ଷସମାହତଃ ।**
**ନର୍ଦତ୍ୟୃଷଭବଦ୍ୟସ୍ମାତ୍ ତସ୍ମାତ୍ ଋଷଭ ଉଚ୍ୟତେ ।। ୫-୮।।**

ବାୟୁ ନାଭିକମଳରୁ ବାହାରି କଣ୍ଠ ଓ ଶିରଭାଗକୁ ସ୍ପର୍ଶକରି ବଳଦ ସଦୃଶ ଧ୍ୱନିକୁ ଉତ୍ପନ୍ନ କରିଥାଏ, ସେଥିପାଇଁ ଏହାକୁ ଋଷଭ ବୋଲି ସଂଜ୍ଞା ଦିଆଯାଇଛି ।

**ବାୟୁଃ ସମୁତ୍ଥିତୋ ନାଭେଃ କଂଠଶୀର୍ଷସମାହତଃ ।**
**ନାସାଗନ୍ଧାବହଃ ପୁଣ୍ୟୋ ଗାନ୍ଧାରସ୍ତେନ ହେତୁନା ।। ୫-୯।।**

ବାୟୁ ନାଭିକମଳରୁ ବାହାରି କଣ୍ଠ ଓ ଶିରକୁ ସ୍ପର୍ଶକରି ନାସିକା ଭାଗରେ ଯେଉଁ ଧ୍ୱନି ଉତ୍ପନ୍ନ କରେ, ତାହାକୁ ଗାନ୍ଧାର କୁହନ୍ତି ।

**ବାୟୁଃ ସମୁଚ୍ଛ୍ରିତୋ ନାଭେରୁରୋହୃଦି ସମାହତଃ ।**
**ନାଭିଂ ପ୍ରାପ୍ତୋ ମହାନାଦୋ ମଧ୍ୟମତ୍ୱଂ ସମଶ୍ନୁତେ ।। ୫-୧୦।।**

ନାଭିକମଳରୁ ଉଠିଥିବା ବାୟୁ ଉର ଓ ହୃଦୟକୁ ପ୍ରାପ୍ତହୋଇ ଯେବେ ମହାନାଦକୁ ଉତ୍ପନ୍ନକରେ, ତେବେ ଏହା ମଧ୍ୟମ ସଂଜ୍ଞାକୁ ପ୍ରାପ୍ତ ହୁଏ ।

**ବାୟୁଃ ସମୁତ୍ଥିତୋ ନାଭେରୁରୋ ହୃତ୍କଂଠଶିରୋ ହତଃ ।**
**ପଂଚମସ୍ଥାନୋତ୍ଥିତସ୍ୟାସ୍ୟ ପଂଚମତ୍ୱଂ ବିଧୀୟତେ ।। ୫-୧୧।।**

ନାଭିକମଳରୁ ସମୁତ୍ଥିତ ବାୟୁ ଯେବେ ଉର, ହୃଦୟ, କଣ୍ଠ ଓ ଶିରକୁ ସ୍ପର୍ଶକରି ଯେଉଁ ଶବ୍ଦ ଉତ୍ପନ୍ନକରେ, ତେବେ ତାହାକୁ ପଞ୍ଚମ କୁହାଯାଏ, କାରଣ ସେହି ସ୍ୱର ୫ଟି ସ୍ଥାନକୁ ସ୍ପର୍ଶକରି ବାହାରିଥାଏ ।

**ଧୈବତଂଚ ନିଷାଦଂଚ ବର୍ଜୟିତ୍ୱା ସ୍ୱରଦ୍ୱୟମ୍ ।**
**ଶେଷାନ୍ ପଂଚସ୍ୱରାଂସ୍ତ୍ୱନ୍ୟାନ୍‌ପଂଚସ୍ଥାନୋଚ୍ଛ୍ରିତାନ୍‌ବିଦୁଃ ।। ୫-୧୨।।**

ଧୈବତ ଓ ନିଷାଦ, ଏହି ୨ଟି ସ୍ୱରକୁ ଛାଡି ଶେଷ ୫ଟି ସ୍ୱର ୫ ସ୍ଥାନରୁ ବାହାରିଥାଆନ୍ତି ବୋଲି ଏହା ଜାଣ ।

Not For Commercial Use

# ସାମଗାନରେ ସ୍ୱରର କ୍ରମ

**ୟଃ ସାମଗାନାଂ ପ୍ରଥମଃ ସ ବେଣୋର୍ମଧ୍ୟମଃ ସ୍ୱରଃ |**

**ୟୋ ଦ୍ୱିତୀୟଃ ସ ଗାଂଧାରଃ ତୃତୀୟସତ୍-ବୃଷଭଃ ସ୍ମୃତଃ || ୫-୧||**

**ଚତୁର୍ଥଃ ଷଡ୍‌ଜ ଇତ୍ୟାହୁଃ ପଂଚମୋ ଧୈବତୋ ଭବେତ୍ |**

**ଷଷ୍ଠୋ ନିଷାଦୋ ବିଜ୍ଞେୟଃ ସପ୍ତମଃ ପଂଚମଃ ସ୍ମୃତଃ || ୫-୨|| (ନାରଦୀୟଶିକ୍ଷା - ୫-|୧-୨|)**

ଏହି ନାରଦୀୟ-ଶିକ୍ଷାରେ ଧୈବତ ଓ ନିଷାଦର ସ୍ଥାନ ପରିବର୍ତ୍ତନ ଦେଖାଯାଏ, ଏହାର ବିଚାର ସଙ୍ଗୀତଜ୍ଞ କରନ୍ତୁ | ଏହାର ସ୍ୱର ସାମଗାନର ଅନୁସାରେ ଏହି ପ୍ରକାରର –

| | | | | |
|---|---|---|---|---|
| | ଅତିକୃଷ୍ଟଃ | | ପଂଚମ | ପ |
| ୧ | ପ୍ରଥମଃ | ବେଣୋଃ | ମଧ୍ୟମଃ | ମ |
| ୨ | ଦ୍ୱିତୀୟଃ | | ଗାଂଧାରଃ | ଗ |
| ୩ | ତୃତୀୟଃ | | ଋଷଭଃ | ରେ |
| ୪ | ଚତୁର୍ଥଃ | | ଷଡ୍‌ଜଃ | ସ |
| ୫ | ପଂଚମଃ | ମନ୍ଦ୍ରଃ | ନିଷାଦଃ | ନି |
| ୬ | ଷଷ୍ଠଃ | ଅତିସ୍ୱାର୍ଥଃ | ଧୈବତଃ | ଧ |
| ୭ | ସପ୍ତମଃ | | ପଂଚମଃ | ପ |

**ଏହାର କ୍ରମ କିପରି ଓ କାହିଁକି ?**

(କୃଷ୍ଟଃ) ତଦ୍ୟୋସୌ କୃଷ୍ଟତମ ଇବ ସାମ୍ନଃ ସ୍ୱରସ୍ତଂ ଦେବା ଉପଜୀବନ୍ତି | - ||ପ||

୧. ୟୋଽବରେଷାଂ ପ୍ରଥମସ୍ତଂ ମନୁଷ୍ୟା ଉପଜୀବନ୍ତି | - ||ମ||

୨. ୟୋ ଦ୍ୱିତୀୟସ୍ତଂ ଗନ୍ଧର୍ବାପ୍ସରସଃ ଉପଜୀବନ୍ତି | - ||ଗ||

୩. ୟୋ ତୃତୀୟସ୍ତଂ ପଶବଃ (ବୃଷଭଃ / ଋଷଭଃ) ଉପଜୀବନ୍ତି | - ||ରେ||

୪. ୟଶ୍ଚତୁର୍ଥସଂ ପିତରୋ ୟେ ଚାଣ୍ଡେଷୁଶେରତେ | - ||ସ||

୫. ୟଃ ପଂଚମସ୍ତମସୁରରକ୍ଷାଂସି (ନିଷାଦଃ) ଉପଜୀବନ୍ତି | - ||ନି||

(ଅନ୍ତ୍ୟଃ) ୟୋଽନ୍ତ୍ୟସ୍ତମୋଷଧୟୋ ବନସ୍ପତୟଶ୍ଚାନ୍ୟଜ୍ଜଗତ୍ (ସାମବିଧାନ ବ୍ରାହ୍ମଣେ) | - ||ଧ||

Not For Commercial Use

ତଥା ଏହା ମଧ୍ୟ ପରିଲକ୍ଷିତ ହୁଏ ଯେ - ଏହାର ସ୍ୱରକ୍ରମ ଉଚ୍ଚ ସ୍ୱରରୁ ନୀଚ ସ୍ୱର କ୍ରମରେ ରହିଅଛି, ଯାହା ସାମଗାନର ଲକ୍ଷଣ ଅଟେ ।

ଉପରୋକ୍ତ ସମସ୍ତ, ସାମଗାନର ସ୍ୱରମଣ୍ଡଳ ଅଟେ । ଉଦ୍ଗାତା ଏହି ସ୍ୱରରେ ସାମଗାନ କରିଥାଆନ୍ତି ।

ସାମଗାନରେ **୬ ପ୍ରକାରର ସାମବିକାର** ହୋଇଥାଏ, ସେମାନେ ହେଲେ -
**ବିକାର, ବିଶ୍ଲେଷଣ, ବିକର୍ଷଣ, ଅଭ୍ୟାସ, ବିରାମ** ଓ **ସ୍ତୋଭ** ।
୧. **ବିକାର** - "ଅଗ୍ନେ" ରୁ "ଓଗ୍ନାୟି" ହୋଇଥାଏ ।
୨. **ବିଶ୍ଲେଷଣ** - "ବୀତୟେ" ରୁ "ବୋୟି ତୋୟା୨ଧି" ହୋଇଥାଏ ।
୩. **ବିକର୍ଷଣ** - "ୟେ" ରୁ "ୟା୨୩ୟି" ହୋଇଥାଏ ।
୪. **ଅଭ୍ୟାସ** - ବାରମ୍ବାର କହିବା ବା ଗାଇବା, ଯେପରି "ତୋୟା୨ୟି । ତୋୟା୨ୟି" ଅଟନ୍ତି ।
୫. **ବିରାମ** - ଯେଉଁଭଳି "ଗୃଣାନୋ ହବ୍ୟଦାତୟେ" କୁ "ଗୃଣାନୋହ । ବ୍ୟଦାତୟେ" ଗାଇବା, ଯଦିଚ ମୂଳମନ୍ତ୍ରରେ "ଗୃଣାନୋହ । ବ୍ୟଦାତୟେ" ଏହିଭଳି ରୂପ ନାହିଁ, କିନ୍ତୁ ଗାନର ସୌକିଯ୍ୟ ପାଇଁ ମଧ୍ୟରେ ଏହାକୁ ଭାଙ୍ଗିଦିଆଯାଏ, ଏହାକୁ ବିରାମ କୁହନ୍ତି ।
୬. **ସ୍ତୋଭ** - ଋଚାରେ ନ'ଥିବା ଅକ୍ଷରକୁ ଗାଇବା, ଯେପରି - "ଓ ହୋଵା । ହାଉ" ଇତ୍ୟାଦି ।

ସାମବେଦ ନିସନ୍ଦେହ ଗାନରୂପ ଅଟନ୍ତି, କିନ୍ତୁ ସାମବେଦ ଯାହା ଆଜି ପୁସ୍ତକରୂପରେ ଉପଲବ୍ଧ, ତାହା କେବଳ ଋଚାମାନଙ୍କର ସଂଗ୍ରହ ମାତ୍ର । ଏଥିରେ ଗୋଟିଏ ବି ସାମଗାନ ନାହିଁ । ଯେଉଁ ମନ୍ତ୍ରମାନଙ୍କୁ ଆଧାରକରି ସାମଗାନ ହୋଇଥାଏ, ସେମାନେ "**ଯୋନିମନ୍ତ୍ର**" ଅଟନ୍ତି । ଅର୍ଥାତ୍ ସାମବେଦର ଏହି ମନ୍ତ୍ରମାନଙ୍କୁ ଗାଆନ୍ତି ନାହିଁ, ପରନ୍ତୁ ଏହାଙ୍କୁ ଆଧାରକରି ତିଆରି କରାଯାଇଥିବା 'ସାମଗାନ'ମାନଙ୍କୁ ଗାଆନ୍ତି । ଋଷିମାନେ ଏହି 'ଯୋନିମନ୍ତ୍ର'ମାନଙ୍କୁ ଆଧାରକରି ହଜାର ହଜାର ଗାନ ତିଆରି କରିଛନ୍ତି, ଯାହା ଆଜି "**ସାମଗାନ**" ନାମରେ ପରିଚିତ ।

ସାମବେଦରେ ୧୮୭୫ଟି ମନ୍ତ୍ର ଅଛନ୍ତି, ଏହି ମନ୍ତ୍ରମାନଙ୍କୁ ଆଧାରକରି ପାଖାପାଖି ୪୦୦୦ ସାମଗାନ ତିଆରି ହୋଇଅଛି । ଏହା ସାମବେଦର "**କୌଥୁମ ଶାଖା**" ଯାହାଉପରେ ୪୦୦୦ ସାମଗାନ ତିଆରି ହୋଇଛି । ସେହିପରି ସାମବେଦର "**ରାଣାୟଣ ଶାଖା**" ଯାହାଙ୍କୁ ଆଧାରକରି ୪୦୦୦ ସାମଗାନ ପୃଥକ୍



Not For Commercial Use

ତିଆରି ହୋଇଛି । ସେହିଭଳି ସାମବେଦର ଅନେକ ଶାଖା ଅଛିନ୍ତି, ଓ ତାହାଙ୍କୁ ଆଧାରକରି ଅନେକ ଅନେକ ସାମଗାନ ତିଆରି କରାଯାଇଛି । ଏହି ସାମଗାନ ଯେଉଁ ଋଷିମାନେ ତିଆରି କରିଛନ୍ତି, ସେହି ଗାନସମୂହ ତାଙ୍କ ନାମରେ ଆଜି ମଧ୍ୟ ପ୍ରସିଦ୍ଧ ଅଟନ୍ତି । ଯେପରିକି - "**ଗୋତମସ୍ୟ ପର୍ଂକ**", "**କଶ୍ୟପସ୍ୟ ବାର୍ହିଷଂ**" ଇତ୍ୟାଦି । ଏହି ସମସ୍ତ ସାମଗାନ "**ଗ୍ରାମଗାନ, ଆରଣ୍ୟଗାନ, ଉହଗାନ, ଉହ୍ୟଗାନ**" ଆଦି ନାମରେ ପ୍ରସିଦ୍ଧ ଅଟନ୍ତି ।

ସାମବେଦର ମନ୍ତ୍ରସମୂହ ଅଧିକାଶଂ ଋକ୍-ବେଦରୁ ଗୃହୀତ, ଯହାଙ୍କୁ ଆଧାରକରି ସାମଗାନ ଗାଆନ୍ତି । ମୋଟାମୋଟି ଏହା କହିହେବ ଯେ - ଯେଉଁ ମନ୍ତ୍ର ପାଦବଦ୍ଧ ଅଟନ୍ତି, ସେମାନଙ୍କୁ ଆଧାରକରି ସାମଗାନ ତିଆରିକରିବା ସମ୍ଭବ ଅଟେ ଓ ଏହାକୁ ମଧ୍ୟ ଗାଇବା ସମ୍ଭବ ଅଟେ ।

## ମନ୍ତ୍ର ଓ ସାମଗାନ

ଋକ୍-ବେଦରୁ ଯେଉଁ ମନ୍ତ୍ର ସାମବେଦରେ ଆସିଅଛି, ତାହା ଉପରେ କେମିତି ସାମଗାନ ତିଆରି କରାଯାଇଛି, ତାହାର ଏକ ଉଦାହରଣ ନିମ୍ନରେ ଦିଆଯାଇଛି ।

**ଋକ୍-ବେଦ ମନ୍ତ୍ର** -
ଅଗ୍ନ ଆୟାହି ବୀତୟେ ଗୃଣାନୋ ହବ୍ୟଦାତୟେ ।
ନି ହୋତା ସତ୍ସି ବର୍ହିଷି ।। (ଋ.ବେ - ୬।୧୬।୧୦)

**ସାମବେଦର ମନ୍ତ୍ର (ସାମୟୋନିଃ)** -
ଅଗ୍ନ ଆ ୟାହି ବୀତୟେ ଗୃଣାନୋ ହବ୍ୟଦାତୟେ ।
ନି ହୋତା ସତ୍ସି ବର୍ହିଷି ।। (ସା.ବେ - ୧।୧।୧।୦୧।୦୧)

**ଏହି ମନ୍ତ୍ରର ସାମଗାନ** -
**(୧) - ଗୋତମସ୍ୟ ପର୍କମ୍** -
ଓଗ୍ନାଇ । ଆୟାହୀ୍ଃ୩ । ବୋଇତୋୟାଃ୨ଇ । ତୋୟାଃ୨ଇ । ଗୃଣାନା ହ । ବ୍ୟଦାତୋୟାଃ୨ଇ ।
ତୋ ୟାଃ୨ଇ । ନାଇ ହୋତାସାଃ୨୩ । ତ୍ସାଃ୨ଇ । ବାଃ୨୩୪ ଔହୋ ବା । ହୀଃ୨୩୪ଷୀ ।।୧।।

Not For Commercial Use

**(୨) କଶ୍ୟପସ୍ୟ ବାର୍ହିଷମ୍ -**

ଅଗ୍ନ ଆୟାହି ବୀ | ତୟା୩ | ଗୃଣାନୋହବ୍ୟଦାତାଃ୨୩ୟାଇ |

ନି ହୋତା ସତ୍ସି ବର୍ହାଃ୨୩ଇଷୀ | ବର୍ହାଃ୨ଇଷାଃ୨୩୪ ଔ ହୋବା | ବର୍ହୀଃ୩ଷୀଃ୨୩୪୫ ||୨||

ଉପରୋକ୍ତ ଉଦାହରଣରେ ପ୍ରଥମ ମନ୍ତ୍ରଟି ଋକ୍-ବେଦ ମନ୍ତ୍ର | ୨ୟଟି ସେହି ମନ୍ତ୍ର ସାମବେଦରେ କେମିତି ଅଛି, ଯାହାଙ୍କୁ ସାମଯୋନି ମଧ୍ୟ କୁହାଯାଏ, କାରଣ ଏହାକୁ ଆଧାରକରି ସାମଗାନ ତିଆରି କରାଯାଏ | ୩ୟ ମନ୍ତ୍ରଟି ଗୋତମସ୍ୟ ପର୍କଂ (ଗୋତମ ଋଷି ତିଆରି କରିଥିବା ସାମଗାନ) | ୪ର୍ଥ ମନ୍ତ୍ରଟି କଶ୍ୟପସ୍ୟ ବାର୍ହିଷଂ (କଶ୍ୟପ ଋଷି ତିଆରି କରିଥିବା ସାମଗାନ, ସେହି ଋକ୍-ବେଦ ମନ୍ତ୍ରର) |

## ସାମବେଦରେ ସ୍ୱରର ସଂକେତ

ଋକ୍-ବେଦ, ଯଜୁର୍ବେଦ ଓ ଅଥର୍ବବେଦରେ ସ୍ୱରମାନଙ୍କର ସଂକେତ ବା ଚିହ୍ନ (',_) ଦିଆଯାଇଥାଏ | ସେମାନଙ୍କର ଉଦାତ୍ତ ସ୍ୱରର ସଂକେତ ଅକ୍ଷର ଉପରେ ଏକ ଲମ୍ବାଗାର ଥାଏ ('), ଅନୁଦାତ୍ତ ସ୍ୱରର ସଂକେତ ଅକ୍ଷର ତଳେ ଏକ ଲମ୍ବାଗାର ଥାଏ (_), ତଥା ସ୍ୱରିତ ସ୍ୱରର କୌଣସି ସଂକେତ ନ ଥାଏ | କିନ୍ତୁ ସାମବେଦରେ ଏହି ଉଦାତ୍ତ, ଅନୁଦାତ୍ତ ଓ ସ୍ୱରିତ ସ୍ୱରମାନଙ୍କର ସଂକେତ ସଂଖ୍ୟାଦ୍ୱରା ଅକ୍ଷର ଉପରିଭାଗରେ ଚିହ୍ନିତ କରାଯାଇଥାଏ ( २३ १ २ ३१२ अग्न आ याहि वीतये ) | କିନ୍ତୁ ମନ୍ତ୍ରମାନଙ୍କ ମଧ୍ୟରେ ସଂଖ୍ୟା ଉଚ୍ଚାରଣର ମାତ୍ରାକୁ (ଉଚ୍ଚାରଣର ସମୟ) ଦର୍ଶାଇଥାଏ - ଉଦାହରଣ ସ୍ୱରୂପ - ହର୍ସ୍ୱ-ସ୍ୱରବର୍ଣ୍ଣ ୧ ମାତ୍ରା, ଦୀର୍ଘ-ସ୍ୱରବର୍ଣ୍ଣ ୨ ମାତ୍ରା, ପ୍ଲୁତ ୩ମାତ୍ରା, ଇତ୍ୟାଦି (ପ୍ରତ୍ୟକ ମାତ୍ରା ପ୍ରାୟ ୦.୪ ସେକେଣ୍ଡ୍) |

ଉଦାତ୍ତ - ୧

ସ୍ୱରିତ - ୨

ଅନୁଦାତ୍ତ - ୩

ଏଥି ସହିତ ଅନ୍ୟ ସାଂକେତିକ ଚିହ୍ନମାନଙ୍କର ଉଚ୍ଚାରଣ ମଧ୍ୟ କରାଯାଇଥାଏ, ଯଥା - ପ୍ରଚୟ, ସ୍ନତ୍ତର, ଅନୁନାଷିକ ଆଦି ଅନେକ | ଏ ସମସ୍ତ ସାଂକେତିକ ଚିହ୍ନମାନଙ୍କୁ ଲେଖି ବୁଝାଇବା ସମ୍ଭବ ନୁହେଁ କାରଣ ଏହା ଅଭ୍ୟାସର ବିଷୟ, ଏଥିପାଇଁ ଗୁରୁଙ୍କର ମାର୍ଗଦର୍ଶନ ଅତ୍ୟନ୍ତ ଆବଶ୍ୟକ |

Not For Commercial Use

# ସାମବେଦରେ ମନ୍ତ୍ର ସଂଖ୍ୟାର ବିବରଣୀ

| ଭାଗ | ଅଧ୍ୟାୟ | ମନ୍ତ୍ରସଂଖ୍ୟା | ବିଷୟ | ସାମଗାନ |
|---|---|---|---|---|
| ପୂର୍ବାର୍ଚିକ | ୧ | ୧୧୪ | ଆଗ୍ନେୟ ପର୍ବ | ଗ୍ରାମଗାନ |
| | ୨ | ୧୧୮ | ଐନ୍ଦ୍ର ପର୍ବ | |
| | ୩ | ୧୧୯ | | |
| | ୪ | ୧୧୫ | | |
| | ୫ | ୧୧୯ | ପବମାନ ପର୍ବ | |
| | ୬ | ୬୫ | ଆରଣ୍ୟକ ପର୍ବ | ଅରଣ୍ୟଗାନ |
| | **ସମୁଦାୟ** | **୬୫୦** | | |
| ଉତ୍ତରାର୍ଚିକ | ୧ | ୬୨ | ଯଜମାନ ସମ୍ବୋଧନ, ସୋମସ୍ତୁତି, ଅଗ୍ନିସ୍ତୁତି, ଇନ୍ଦ୍ରସ୍ତୁତି, ଅନ୍ୟାନ୍ୟ | |
| | ୨ | ୬୨ | | |
| | ୩ | ୫୫ | | |
| | ୪ | ୫୬ | | |
| | ୫ | ୬୯ | | |
| | ୬ | ୭୬ | | |
| | ୭ | ୮୫ | | |
| | ୮ | ୫୯ | | |
| | ୯ | ୭୮ | | |
| | ୧୦ | ୯୪ | | |
| | ୧୧ | ୩୨ | | |
| | ୧୨ | ୫୬ | | |
| | ୧୩ | ୫୪ | | |
| | ୧୪ | ୪୬ | | |
| | ୧୫ | ୩୮ | | |
| | ୧୬ | ୪୪ | | |
| | ୧୭ | ୪୦ | | |
| | ୧୮ | ୫୪ | | |
| | ୧୯ | ୫୪ | | |
| | ୨୦ | ୮୪ | | |
| | ୨୧ | ୨୭ | | |
| | **ସମୁଦାୟ** | **୧୨୨୫** | | |
| | **ସାମବେଦସମୁଦାୟ** | **୧୭୮୫** | | |

Not For Commercial Use

## ସାମବେଦ ମନ୍ତ୍ରସଂଖ୍ୟା

(କୌଥୁମ ଶାଖା)

| | |
|---|---|
| ପୂର୍ବାର୍ଚ୍ଚିକ | ୫୮୫ |
| ଆରଣ୍ୟକ | ୫୯ |
| ଉତ୍ତରର୍ଚ୍ଚିକ | ୧୨୨୫ |
| ମହାନାମ୍ନି | ୬ |
| **ସମୁଦାୟ** | **୧୮୭୫** |

ଏହି ମନ୍ତ୍ରମାନଙ୍କୁ ଆଧାରକରି କେତୋଟି ସାମଗାନ ତିଆରି ହୋଇଛି - ତାହା ନିମ୍ନ ପ୍ରକାରର -

**କୌଥୁମ ଶାଖା**

| | |
|---|---|
| ଗ୍ରାମଗେୟଗାନ | ୧୧୯୭ |
| ଆରଣ୍ୟଗେୟଗାନ | ୨୯୪ |
| ଉହଗାନ | ୧୦୨୬ |
| ଉହ୍ୟଗାନ | ୨୦୫ |
| **ସମୁଦାୟ** | **୨୭୨୨** |

## ସାଂକେତିକ ଶବ୍ଦାବଳି

ଅ.ବେ – ଅଥର୍ବବେଦ

ଋ.ବେ - ଋକ୍-ବେଦ

ସା.ବେ – ସାମବେଦ

ଯ.ବେ – ଯଜୁର୍ବେଦ

ଛା.ଉ - ଛାନ୍ଦୋଗ୍ୟ ଉପନିଷଦ

ଗୀ - ଶ୍ରୀମଦ୍ ଭଗବଦ୍ ଗୀତା

ମହା - ମହାଭାରତ

ମ.ଭା - ମହାଭାରତ

ନା.ଶି - ନାରଦୀୟ ଶିକ୍ଷା

ଜୈ.ସୂ - ଜୈମିନୀୟ ସୂତ୍ର

ବୃ.ଉ - ବୃହଦାରଣ୍ୟକ ଉପନିଷଦ

ଐ.ବା - ଐତରେୟ ବ୍ରାହ୍ମଣ

Not For Commercial Use

ଯଦକ୍ଷରପଦଭ୍ରଷ୍ଟଂ ମାତ୍ରାହିନଂ ତୁ ଯଦ୍-ଭବେତ୍ ।
ତତ୍-ସର୍ବ କ୍ଷମତାଂ ଦେବ ନରାୟଣ ନମୋଽସ୍ତୁତେ ।।
ବିସର୍ଗବିନ୍ଦୁମାତ୍ରାଣି ପଦପାଦାକ୍ଷରାଣି ଚ ।
ନ୍ୟୂନାନି ଚାତିରିକ୍ତାନି କ୍ଷମସ୍ୱ ପୁରୁଷୋତ୍ତମ ।।

ଓମ୍ ତତ୍ ସତ୍ । ସର୍ବମ୍ ଶ୍ରୀ କୃଷ୍ଣାର୍ପଣାମସ୍ତୁ ।
ଓମ୍ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

| | |
|---|---|
| Sources<br>ସୂତ୍ର | • www.archive.org<br>• www.vedicheritage.gov.in<br>• www.academia.edu<br>• IISH Global (Indian Institute of Scientific Heritage)<br>• www.sanskritweb.net/samveda/<br>• Vedanta Spiritual Library – www.celextel.org<br>• www.wikipedia.org |
| Send Corrections to<br>ଭୁଲ ସୁଧାର ପାଇଁ ଯୋଗାଯୋଗ | prakash@scholarshoppe.com |
| Site access<br>ୱେବ ସାଇଟ୍ | www.scholarshoppe.com/veda-odia/ |

**ଏହି 'ପୁସ୍ତକ' ଟି ବୈଦିକ ସାହିତ୍ୟର ପ୍ରଥମ ଓଡିଆ ଡିଜିଟାଲ୍ ରୂପାନ୍ତର ଅଟେ ।**

Not For Commercial Use

# ସାମବେଦ - ଏକ ସଂକ୍ଷିପ୍ତ ପରିଚୟ


"ବେଦବ୍ୟାସ", '**ବେଦତ୍ରୟୀ**' (ଋକ୍, ଯଜୁସ୍, ସାମ୍) ମାନଙ୍କୁ ସାହିତ୍ୟିକ ପଦ୍ଧତିର ଶୈଳୀରେ (ପଦ୍ୟ, ଗଦ୍ୟ, ସଂଗୀତ) ବିଭାଜନ କରିଥିଲେ । ପଦ୍ୟରେ ଋକ୍ ଓ ଅଥର୍ବ ବେଦକୁ, ଗଦ୍ୟରେ ଯଜୁର୍ବେଦକୁ, ତଥା, ସଂଗୀତରେ ସାମବେଦକୁ ବିଭାଜନ କରିଥିଲେ । ତେଣୁ ସଂଗୀତ ସ୍ୱରୂପରେ ରଚିତ ବେଦକୁ "**ସାମବେଦ**" କୁହାଯାଏ । ସେ, ଏହି ୪ଟି ବେଦ ତାଙ୍କର ୪ଜଣ ମୁଖ୍ୟ ଶିଷ୍ୟଙ୍କୁ ଶିକ୍ଷାଦାନ କରିଥିଲେ, ସେମାନଙ୍କ ମଧ୍ୟରୁ "**ଜୈମିନି**"ଙ୍କୁ 'ସାମବେଦ' ଶିକ୍ଷାଦାନ କରିଥିଲେ । 'ଜୈମିନି'ଙ୍କ ଠାରୁ 'ସାମବେଦ'ର ପରମ୍ପରା ଆରମ୍ଭ ହୋଇଥିଲା । ପରସମୟରେ, 'ଜୈମିନି' ତାଙ୍କର ପୁତ୍ର 'ସୁମନ୍ତ'ଙ୍କୁ; 'ସୁମନ୍ତ' ତାଙ୍କ ପୁତ୍ର 'ସୁନ୍ୱାନ'ଙ୍କୁ; ଓ 'ସୁନ୍ୱାନ' ତାଙ୍କ ପୁତ୍ର 'ସୁକର୍ମା'ଙ୍କୁ "ସାମବେଦ"ର ଶିକ୍ଷା ଦେଇଥିଲେ । ପରସମୟରେ 'ସୁକର୍ମା' "ସାମବେଦ"ର ପ୍ରଚାର କରିଆସିଥିଲେ । ଏହିପରି "ସାମବେଦ"ର ଅଧ୍ୟୟନ ଓ ଅଧ୍ୟାପନା ପରମ୍ପରା ଚାଲିଆସୁଅଛି ।

"ସାମବେଦ"ରେ ସମୁଦାୟ **୧୮୭୫** ମନ୍ତ୍ର ଅଛି ଓ ସେଥିମଧ୍ୟରୁ ୯୫ଭାଗ ମନ୍ତ୍ର 'ଋକ୍-ବେଦ'ରୁ ଋଣ ରୂପରେ ନିଆଯାଇଛି ଓ କେବଳ ୭୫ଟି ନୂତନ ମନ୍ତ୍ର 'ସାମବେଦ'ର । ତେଣୁ ଏବେ ମନରେ ପ୍ରଶ୍ନ ଉଠିପାରେ, ଯେହେତୁ "ସାମବେଦ"ର ୯୫ଭାଗ ମନ୍ତ୍ର "ଋକ୍-ବେଦ"ରୁ ନିଆଯାଇଛି, ତା'ହେଲେ ଏହାକୁ "ସାମବେଦ" କାହିଁକି କୁହାଯାଉଛି ? ଏହାର ଉତ୍ତର ହେଉଛି, ଏହାର 'ପଦପାଠ' ଶୈଳୀ, ସ୍ୱର ଓ 'ଛନ୍ଦ' ଭିନ୍ନ, ତଥା ବେଳେ ବେଳେ "ଋକ୍-ବେଦ"ର ଅଂଶିକ ମନ୍ତ୍ର ମଧ୍ୟ ନିଆଯାଇଛି । "ଋକ୍-ବେଦ"ରେ ୩ଟି ସ୍ୱର ବ୍ୟବହୃତ ହେଉଥିବା ବେଳେ "ସାମବେଦ"ରେ **୭ଟି ସ୍ୱର** ବ୍ୟବହୃତ ହୋଇଥାଏ । ତେଣୁ "ସାମବେଦ", "ଋକ୍-ବେଦ" ଠାରୁ ଭିନ୍ନ । "ସାମବେଦ"କୁ ସଂଗୀତ ବା ଗାନ ଆକାରରେ ରଚନା କରାଯାଇଛି । ଏହାର ଶ୍ରୁତି ମଧୁର ଅଟେ । "ସାମବେଦ" ୪ଟି ବେଦ ମଧ୍ୟରୁ ସବୁଠୁ କଷ୍ଟ ଓ ସ୍ୱତନ୍ତ୍ର ଅଟେ । ଏହାର ମହତ୍ୱ "**ଶ୍ରୀକୃଷ୍ଣ**", "ଭାଗବତ ଗୀତା"ରେ ମଧ୍ୟ କହିଛନ୍ତି, "**ବେଦାନାଂ ସାମବେଦୋଽସ୍ମି**", ଅର୍ଥାତ ବେଦମାନଙ୍କ ମଧ୍ୟରେ ମୁଁ "ସାମବେଦ" । "ସାମବେଦ"ରୁ ଭାରତୀୟ **ସଂଗୀତ**, **କଳା**, **ଛନ୍ଦ** ଓ **ତାଳ** ଇତ୍ୟାଦି ସୃଷ୍ଟି । ଉପବେଦ '**ଗନ୍ଧର୍ବବେଦ**", "ସାମବେଦ"କୁ ଆଧାର କରି ତିଆରି କାରାଯାଇଛି ।

Not For Commercial Use

## ସାମବେଦ ସଂଗଠନ

'ସାମବେଦ'କୁ ୨ଟି ଭାଗରେ ବିଭକ୍ତ କରାଯାଇଛି, ଯଥା - **ଆର୍ଚିକ** ଓ **ଗାନ** । ପୁନଃ 'ଆର୍ଚିକ'କୁ ୨ଟି ଭାଗରେ ବିଭକ୍ତ କରାଯାଇଛି, ଯଥା, "**ପୂର୍ବାର୍ଚିକ**" ଓ "**ଉତ୍ତରାର୍ଚିକ**", ସେହିପରି 'ଗାନ'କୁ ୪ଟି ଭାଗରେ ବିଭକ୍ତ କରାଯାଇଛି, ଯଥା, "**ଗ୍ରାମଗେୟ**", "**ଆରଣ୍ୟକ ଗାନ**", "**ଉହଗାନ**" ଓ "**ଉହ୍ୟଗାନ**" ।




- **ଆର୍ଚିକ** - "ଋଚା" ବା "ମନ୍ତ୍ର"ମାନଙ୍କର ସମୁହ, ଯେଉଁ ମନ୍ତ୍ରସମୁହ ବିଭିନ୍ନ ପର୍ବରେ ପାଠ କରାଯାଏ, ବା ପ୍ରୟୋଗ କରାଯାଏ ।
- **ପୂର୍ବାର୍ଚିକ** - ଯେଉଁ ମନ୍ତ୍ର ବା ଋଚା ସମୁହ ଯଜ୍ଞ ସମୟରେ ପାଠ କରାଯାଏ, ତାହାକୁ "ପୂର୍ବାର୍ଚିକ" କୁହାଯାଏ । ଏହାର ବିଷୟବସ୍ତୁ "ଆଗ୍ନେୟ ପର୍ବ", ଐନ୍ଦ୍ର ପର୍ବ", "ପବମାନ ପର୍ବ" ଓ "ଆରଣ୍ୟକ ପର୍ବ" ଅଟନ୍ତି । ଏଥିରେ ମନ୍ତ୍ରସମୁହ 'ଛନ୍ଦ' ଓ 'ଦେବତା' ଅନୁସାରେ ସଂଗଠିତ ରହିଥାଏ ।
- **ଉତ୍ତରାର୍ଚିକ** - ଯେଉଁ ମନ୍ତ୍ର ବା ଋଚା ସମୁହ "ମୁଖ୍ୟ ଯଜ୍ଞ" ସମୟରେ ପାଠ କରାଯାଏ, କିନ୍ତୁ ଏହା 'ପୂର୍ବାର୍ଚିକ' ସହିତ ସମ୍ପର୍ଣ୍ଣ ହୋଇଥାଏ । ଏଥିରେ ମନ୍ତ୍ରସମୁହ 'ମୁଖ୍ୟ ଯଜ୍ଞ'ର କ୍ରମ ଅନୁସାରେ ସଂଗଠିତ  ରହିଥାଏ ।
- **ଗାନ** - ପୂର୍ବାର୍ଚିକ ଓ ଉତ୍ତରାର୍ଚିକ ମନ୍ତ୍ର ବା ଋଚା ସମୁହ ସଂଗୀତ ରୂପରେ ଗାଇବାକୁ "ଗାନ" ବା "**ସାମଗାନ**" କୁହନ୍ତି ।
- **ଗ୍ରାମଗେୟ** - ଯେଉଁ ସ୍ତୁତିଗାନ ଜନସମୁହରେ ବା ଗ୍ରାମରେ ପାଠ କରାଯାଏ, ତଥା ଆଗ୍ନେୟ, ଐନ୍ଦ୍ର, ଓ ପବମାନ ପର୍ବରେ, ଅଗ୍ନି, ଇନ୍ଦ୍ର, ଓ ସୋମଙ୍କ ସ୍ତୁତିଗାନ କରାଯାଏ, ତାହାକୁ "ଗ୍ରାମଗେୟ" କୁହନ୍ତି ।

Not for Commercial Use

- **ଆରଣ୍ୟକ ଗାନ** - ଯେଉଁ ସ୍ତୁତିଗାନ ଜଙ୍ଗଲ ବା ଅରଣ୍ୟରେ ପାଠ କରାଯାଏ, ତଥା ଅକ୍ର, ଦୁନ୍ଦୁ, ଶୁକ୍ରିୟ ଓ ମହାନାମ୍ନି ନାମକ ପର୍ବରେ ଯେଉଁ ସ୍ତୁତିଗାନ କରାଯାଏ, ତାହାକୁ "ଆରଣ୍ୟକ ଗାନ" ବା "ଅରଣ୍ୟଗେୟ" କୁହନ୍ତି ।
- **ଉହଗାନ** - ଯେଉଁ ମନ୍ତ୍ର ବା ଋଚା କୌଣସି ଶବ୍ଦ ନ କରି ଗାନ କରାଯାଏ, ତାହାକୁ "ଉହଗାନ" କୁହନ୍ତି ଓ ଏହା 'ଗ୍ରାମ୍ୟଗେୟ'ର ଅଂଶ ଅଟେ ।
- **ଉହ୍ୟଗାନ** - ଯେଉଁ ମନ୍ତ୍ର ବା ଋଚା ମନରେ ଗାନ କରାଯାଏ, ତାହାକୁ "ଉହ୍ୟଗାନ" କୁହନ୍ତି ଓ ଏହା 'ଅରଣ୍ୟଗାନ'ର ଅଂଶ ଅଟେ ।

ଅନ୍ୟ ବେଦମାନଙ୍କ ପରି, "ସାମବେଦ"ର ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦସମୂହ ରହିଅଛି ।

## ସାମବେଦ ଶାଖା

ପତଞ୍ଜଳିଙ୍କ ମହାଭାଷ୍ୟ ଓ ପୁରାଣ ଅନୁସାରେ "ସାମବେଦ"ରେ ୧୦୦୦ଟି ଶାଖା ଥିଲା ବୋଲି କୁହାଯାଇଛି । '**ସାମତର୍ପଣ**' ଅବସର ସମୟରେ 'ସାମଗାନ' କରୁଥିବା ଆଚାର୍ଯ୍ୟମାନଙ୍କର ନାମ ଉଲ୍ଲେଖ ଅଛି, ସେମାନେ ହେଲେ, ରଣାୟନ, ସାତ୍ୟମୁଗ୍ରି-ବ୍ୟାସ, ଭାଗୁରି-ଔଲୁଣ୍ଡି, ଗୌଲମୁଲବି, ଭାନୁନାମ, ଔପମନ୍ୟବ, ଦାରାଳ, ଗାର୍ଗ୍ୟ, ସାବର୍ଣ୍ଣି, ବାର୍ଷଗଣି, କୁଥୁମି, ଶାଲିହୋତ୍ର, ଓ ଜୈମିନି । ସେମାନଙ୍କ ନାମରେ "ସାମବେଦ ଶାଖା" ଗୁଡିକ ଥିଲା । ସେମାନଙ୍କ ମଧ୍ୟରୁ ରଣାୟନ, କୁଥୁମି ଓ ଜୈମିନି ଆଚାର୍ଯ୍ୟଙ୍କ ନାମରେ ପ୍ରସିଦ୍ଧ **ରଣାୟନୀୟ, ଜୈମିନୀୟ** ଓ **କୌଥୁମୀୟ** ବା କୌଥୁମ ଶାଖା ଉପଲବ୍ଧ ଅଛି । ତେଣୁ କେବଳ **୩ଟି ଶାଖାର ଉଦ୍ଧାର** ହୋଇପାରିଛି ଓ ବାକି ୯୯୭ଟି ଶାଖା ସଂପୂର୍ଣ୍ଣରୂପେ ବିଲୁପ୍ତ ହୋଇଯାଇଛି ।

ଏହି ଶାଖା ମାନଙ୍କ ମଧ୍ୟରୁ "**ରାଣାୟଣୀୟ ଶାଖା**", ମହାରାଷ୍ଟ୍ର, କର୍ଣ୍ଣାଟକ, ତଥା ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର କିଛି ସ୍ଥାନ ମାନଙ୍କରେ ଅଧ୍ୟୟନ ଓ ଅଧ୍ୟାପନା ହୋଇଆସୁଅଛି । "**କୌଥୁମ ଶାଖା**", ଗୁଜୁରାଟ, ଉତ୍ତରପ୍ରଦେଶ, ଓ ଓଡ଼ିଶା, ତଥା ବିହାରର କିଛି ସ୍ଥାନ ମାନଙ୍କରେ ଅଧ୍ୟୟନ ଓ ଅଧ୍ୟାପନା ହୋଇଆସୁଅଛି । "**ଜୈମିନୀୟ ଶାଖା**", କେରଳ ଓ ତାମିଲନାଡୁରେ ଅଧ୍ୟୟନ ଓ ଅଧ୍ୟାପନା ହୋଇଆସୁଛି ।

Not For Commercial Use

"ସାମବେଦ"ର ଶାଖାମାନଙ୍କ ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ନାହିଁ । ପାର୍ଥକ୍ୟ କହିଲେ ମନ୍ତ୍ର ବା ଋଚା ବା ଅଧ୍ୟାୟ ବା ଖଣ୍ଡ ମାନଙ୍କର ପ୍ରବନ୍ଧନ କ୍ରମରେ ଅନ୍ତର ଅଟେ । ସେମାନଙ୍କ ମଧ୍ୟରେ 'ପାଠଭେଦ'ର ଅନ୍ତର ମଧ୍ୟ ମିଳେ । ଏହି ଉଦ୍ଧାରିତ ୩ଟି 'ସାମବେଦ ଶାଖା'ମାନଙ୍କର ମନ୍ତ୍ର ସଂଖ୍ୟା ଅଲଗା ଅଲଗା ଅଟେ । ବେଳେ ବେଳେ ଶଖାରେ ମନ୍ତ୍ରମାନଙ୍କର ବାରମ୍ବାର ବ୍ୟବହୃତ ହେତୁ, ସମୁଦାୟ ମନ୍ତ୍ର ସଂଖ୍ୟାର ପ୍ରଭେଦ ଦେଖାଯାଇଥାଏ । ତେଣୁ "ସାମବେଦ"ର ମନ୍ତ୍ର ସଂଖ୍ୟା ପ୍ରାୟ ୧୮୭୫ । ଏହି ମନ୍ତ୍ରମାନଙ୍କୁ ୨ଟି ଭାଗରେ ବିଭକ୍ତ କରାଯାଇଛି, ଯଥା, **ପୂର୍ବାର୍ଚିକ** ଓ **ଉତ୍ତରାର୍ଚିକ** ।

"ସାମବେଦ"ର **ବିଷୟବସ୍ତୁ**, ଅଧ୍ୟାୟ, ମନ୍ତ୍ର ସଂଖ୍ୟା, ଇତ୍ୟାଦି ତଳେ ଟେବୁଲରେ ଦିଆଯାଇଛି।

| ଭାଗ | ଅଧ୍ୟାୟ | ବିଷୟ | ମନ୍ତ୍ର ସଂଖ୍ୟା | ସାମଗାନ |
|---|---|---|---|---|
| ପୂର୍ବାର୍ଚିକ | ୧ମ | ଆଗ୍ନେୟ ପର୍ବ | ୬୪୦ | ଗ୍ରାମ ଗାନ |
| | ୨ୟ, ୩ୟ, ୪ର୍ଥ | ଐନ୍ଦ୍ର ପର୍ବ | | |
| | ୫ମ | ପବମାନ ପର୍ବ | | |
| | ୬ମ | ଆରଣ୍ୟକ ପର୍ବ | | ଅରଣ୍ୟ ଗାନ |
| ଉତ୍ତରାର୍ଚିକ | ୨୧ଟି | ଯଜମାନ ସମ୍ବୋଧନ, ସୋମ ସ୍ତୁତି, ଅଗ୍ନି ସ୍ତୁତି, ଇନ୍ଦ୍ର ସ୍ତୁତି | ୧୨୨୫ | |

## ସାମବେଦ ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, କଳ୍ପସୂତ୍ର ଓ ଅନ୍ୟ ଗ୍ରନ୍ଥ

"ସାମବେଦ"ରେ ଅନେକ ବ୍ରାହ୍ମଣ ଅଛି, କିନ୍ତୁ ସେମାନଙ୍କ ମଧ୍ୟରୁ ପ୍ରାୟ ୧୩-୧୫ଟି ବ୍ରାହ୍ମଣ ଉପଲବ୍ଧ ଅଛି । ଏହି ଉପଲବ୍ଧ ବ୍ରାହ୍ମଣମାନଙ୍କ ମଧ୍ୟରୁ ୧୦ଟି ବ୍ରାହ୍ମଣ ପ୍ରସିଦ୍ଧ ଓ ପ୍ରଚଳିତ । ସେମାନେ ହେଲେ, ତାଣ୍ଡ୍ୟ, ଷଡ଼ବିଂଶ, ସାମବିଧାନ, ଆର୍ଷେୟ, ଦେବତାଧ୍ୟାୟ, ଛାନ୍ଦୋଗ୍ୟୋପନିଷଦ, ସଂହିତୋପନିଷଦ, ବଂଶ, ଜୈମିନୀୟ, ଜୈମିନୀୟଆର୍ଷେୟ ଓ ଜୈମିନୀୟୋପନିଷଦ । ଏମାନଙ୍କ ମଧ୍ୟରୁ **'ତାଣ୍ଡ୍ୟ ବ୍ରାହ୍ମଣ'** ସବୁଠୁ ବଡ଼ । ଏହି ବ୍ରାହ୍ମଣ ସମୁହ ବିଶେଷତଃ **'ଔଦଗ୍ରାତ କର୍ମ'**ର ପ୍ରତିପାଦନ କରିଥାଏ । ପ୍ରମୁଖତଃ, ଯଜ୍ଞର ସ୍ତୋତ୍ର ସମୁହକୁ ଗାନ କରିବା, 'ଔଦଗ୍ରାତ କର୍ମ' ଅଟେ । ଏହା କୁହାଯାଏ ଯେ, ଏହି ସାମଗାନର ଧ୍ୱନିରେ ଦେବତାମାନେ ଯଜ୍ଞଶାଳାରେ ନୃତ୍ୟ କରନ୍ତି ।

Not For Commercial Use

"ସାମବେଦ"ରେ ୨ଟି **ଆରଣ୍ୟକ** ଅଛି, ସେମାନେ ହେଲେ, ଜୈମିନୀୟ-ଉପନିଷଦ ଓ ଛାନ୍ଦୋଗ୍ୟ ।

"ସାମବେଦ"ରେ ୧୬ଟି **ଉପନିଷଦ** ଅଛି । ସେମାନଙ୍କ ମଧ୍ୟରୁ "**ଛାନ୍ଦୋଗ୍ୟୋପନିଷଦ**" ଓ "**କେନ ଉପନିଷଦ**" ମୁଖ୍ୟ ଉପନିଷଦ ଅଟନ୍ତି । 'ଛାନ୍ଦୋଗ୍ୟୋପନିଷଦ', ୮ ପ୍ରପାଠକ ବିଶିଷ୍ଟ ଗ୍ରନ୍ଥ ଅଟେ, ସେଥିମଧ୍ୟରୁ ପ୍ରଥମ ୫ଟି ପ୍ରପାଠକରେ, "**ଉଦ୍ଗୀଥ** " (ଓଁକାର) ଓ "ସାମଗାନ"ର ସୂକ୍ଷ୍ମ ବିବେଚନ ଉପଲବ୍ଧ ଅଛି, ଓ ଅନ୍ତିମ ୩ଟି ପ୍ରପାଠକରେ, 'ଅଧ୍ୟାତ୍ମବିଦ୍ୟା'ର ବର୍ଣ୍ଣନ ରହିଅଛି । ସେହିପରି "ସାମବେଦ"ର 'କେନ ଉପନିଷଦ'ରେ ମଧ୍ୟ ଦାର୍ଶନିକ ଓ ଦିବ୍ୟଜ୍ଞାନ ବିଷୟରେ ବର୍ଣ୍ଣନ କରାଯାଇଛି । ଏହି ଉପନିଷଦ ଅନୁସାରେ, "ତପ, ଦମ, ଓ କର୍ମ, ସତ୍ୟପ୍ରାପ୍ତିର ମୂଳଦୁଆ ଅଟେ" ।

"ସାମବେଦ"ର **କଳ୍ପସୂତ୍ର**ମାନଙ୍କ ମଧ୍ୟରେ, ୩ଟି "ଶୌତ୍ରସୂତ୍ର", ୪ଟି "ଗୃହ୍ୟସୂତ୍ର" ଓ ଗୋଟିଏ "ବ୍ରହ୍ମସୂତ୍ର" ରହିଅଛି । ଶୌତ୍ରସୂତ୍ରମାନଙ୍କ ମଧ୍ୟରୁ '**ଲାଟ୍ୟାୟନ**' ଓ '**ଦ୍ରାହ୍ୟାୟନ**' ପ୍ରସିଦ୍ଧ ଓ ପ୍ରଚଳିତ, ସେହିପରି ଗୃହ୍ୟସୂତ୍ର ମାନଙ୍କ ମଧ୍ୟରୁ '**ଗୋଭିଲ**' ଓ '**ଖାଦିର**' ପ୍ରସିଦ୍ଧ ଓ ପ୍ରଚଳିତ ।
ସେହିପରି "ସାମବେଦ"ରେ 'ସାମଗାନ'ର ପଦପାଠ ଓ ସ୍ତୋଭଂର ସ୍ୱରୂପ ନିରୂପଣ ୩ଟି "**ପ୍ରାତିଶାଖ୍ୟ**" ଗ୍ରନ୍ଥରୁ ମିଳିଥାଏ । ସେଥି ମଧ୍ୟରୁ '**ନାରଦୀୟ ପ୍ରାତିଶାଖ୍ୟ**' ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଟେ । ଏହି ପ୍ରାତିଶାଖ୍ୟରେ 'ସାମଗାନ'ର ୭ଟି ସ୍ୱର, ୩ଟି ଗ୍ରାମ, ୨୧ଟି ମୂର୍ଚ୍ଛନା, ଓ ୪୯ଟି ତାନ, ବିଷୟରେ ବ୍ୟାଖ୍ୟା କରାଯାଇଛି । ଏହା ଆଧୁନିକ ସଂଗୀତର ମୂଳଦୁଆ ଅଟେ ।

ସେହିପରି "ସାମବେଦ"ର "**ଶିକ୍ଷା**" ଗ୍ରନ୍ଥରୁ 'ସାମଗାନ'ର ବର୍ଣ୍ଣ, ସ୍ୱର, ଛନ୍ଦ, ଓ ସନ୍ଧି ବିଷୟରେ ଜ୍ଞାନ ପ୍ରାପ୍ତ ହୋଇଥାଏ । ଏମାନଙ୍କ ମଧ୍ୟରୁ 'ସାମତନ୍ତ୍ର', 'ଅକ୍ଷରତନ୍ତ୍ର', ଓ 'ପୁଷ୍ପତନ୍ତ୍ର' ଶିକ୍ଷାଗ୍ରନ୍ଥ ସମୁହ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ।

"ସାମବେଦ"ର ସମସ୍ତ ସଂହିତା, ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, କଳ୍ପସୂତ୍ର, ଓ ଅନ୍ୟ ଗ୍ରନ୍ଥ ମାନଙ୍କର ତାଲିକା ତଳେ ଦିଆଯାଇଛି ।

Not For Commercial Use

## ସାମବେଦ ସଙ୍ଗଠନ

| ବେଦ | ସଂହିତା | ବ୍ରାହ୍ମଣ | ଆରଣ୍ୟକ | ଉପନିଷଦ |
|---|---|---|---|---|
| ସାମବେଦ | କୌଥୁମ, ରାଣାୟନୀୟ, ଜୈମିନୀୟ | କୌଥୁମ, ତାଣ୍ଡ୍ୟ, ଷଡ୍‌ବିଂଶ, ସାମବିଧାନ, ଆର୍ଷେୟ, ଦେବତଧ୍ୟାୟ, ଛାନ୍ଦୋଗ୍ୟୋପନିଷଦ, ସଂହିତୋପନିଷଦ, ବଂଶ, ଜୈମିନୀୟ, ଜୈମିନୀୟଆର୍ଷେୟ, ଜୈମିନୀୟୋପନିଷଦ, ଅଦ୍‌-ଭୁତ, ମନ୍ତ୍ର | ଜୈମିନୀୟ-ଉପନିଷଦ, ଛାନ୍ଦୋଗ୍ୟ | ଛାନ୍ଦୋଗ୍ୟ, କେନ, ବଜ୍ରସୂଚୀ, ମହା, ସାବିତ୍ରୀ, ଆରୁଣେୟ, ମୈତ୍ରେୟ, ସଂନ୍ୟାସ, କୁଣ୍ଡିକା, ବାସୁଦେବ, ଅବ୍ୟକ୍ତ, ରୁଦ୍ରାକ୍ଷଜାବାଲ, ଜବାଲି, ଯୋଗଚୂଡାମଣି, ଦର୍ଶନ |

## ସାମବେଦ କଳ୍ପସୂତ୍ର ସଙ୍ଗଠନ

| ବେଦ | ଶ୍ରୌତସୂତ୍ର | ଶୁଲ୍ବସୂତ୍ର | ଗୃହ୍ୟସୂତ୍ର | ଧର୍ମସୂତ୍ର |
|---|---|---|---|---|
| ସାମବେଦ | ଲାଟ୍ୟାୟନ ଶ୍ରୌତସୂତ୍ର, ଦ୍ରାହ୍ୟାୟନ ଶ୍ରୌତସୂତ୍ର, ଜୈମିନୀୟ ଶ୍ରୌତସୂତ୍ର, | | ଗୋଭିଲ ଗୃହ୍ୟସୂତ୍ର, ଖାଦିର ଗୃହ୍ୟସୂତ୍ର, ଜୈମିନୀୟ ଗୃହ୍ୟସୂତ୍ର, କୌଥୁମ ଗୃହ୍ୟସୂତ୍ର, | ଗୌତମ ଧର୍ମସୂତ୍ର, |

## ସାମବେଦ ଶିକ୍ଷା ଓ ପ୍ରାତିଶାଖ୍ୟ ସଙ୍ଗଠନ

| ବେଦ | ପ୍ରାତିଶାଖ୍ୟ | ଶିକ୍ଷା |
|---|---|---|
| ସାମ ବେଦ | ଋକ୍ ତନ୍ତ୍ର ପ୍ରାତିଶାଖ୍ୟ<br>ସାମ ତନ୍ତ୍ର ପ୍ରାତିଶାଖ୍ୟ<br>ଅକ୍ଷର ତନ୍ତ୍ର ପ୍ରାତିଶାଖ୍ୟ<br>ପୁଷ୍ପ ତନ୍ତ୍ର ପ୍ରାତିଶାଖ୍ୟ | ନାରଦୀୟ ଶିକ୍ଷା (ମୁଖ୍ୟ), ଲୋମଶୀ ଶିକ୍ଷା, ଗୌତମୀ ଶିକ୍ଷା |

Not For Commercial Use

## ସମବେଦ ପାଣ୍ଡୁଲିପି ଓ ଅନୁବାଦ

"ସାମବେଦ"ର ପାଣ୍ଡୁଲିପି ସମୁହ '**ପୁନେ**'ର ଭଣ୍ଡାରକର ଇନଷ୍ଟିଚ୍ୟୁଟ୍, '**ରାଜସ୍ଥାନ**'ର ଅଲବର'ର ରାଜକୀୟ ଗ୍ରନ୍ଥାଳୟରେ, **ଉତ୍ତରପ୍ରଦେଶ** (IGNCA), ଓ **ଓଡ଼ିଶା** ରାଜ୍ୟ ମ୍ୟୁଜିୟମ୍  ରେ ରହିଅଛି । ଏବେବି ଜୈମିନୀୟ ଶାଖାର କିଛି ଅଂଶ ପ୍ରକାଶ ହୋଇପାରିନାହିଁ । କିଛି ପାଣ୍ଡୁଲିପି କାଶ୍ମିରୀ'ରେ ମିଳିବାର ସୂଚନା ପ୍ରାପ୍ତ ହୋଇଛି ।

"ସାମବେଦ"ର ଅନୁବାଦ ବିଦେଶୀ ଭାଷା ମାନଙ୍କ ମଧ୍ୟରେ, ଜର୍ମାନୀ ଭାଷାରେ ୧୮୪୮ ମସିହାରେ ହୋଇଥିଲା । ରୁଷି ଭାଷାରେ ୧୮୭୫ ମସିହାରେ ହୋଇଥିଲା । ଇଂରାଜୀ ଭାଷାରେ ୧୮୯୩ ମସିହାରେ ହୋଇଥିଲା । ନେପାଳି ଭାଷାରେ ମଧ୍ୟ ଅନୁବାଦ ହୋଇଅଛି । ସେହିପରି ଭାରତୀୟ ଭାଷା ମାନଙ୍କ ମଧ୍ୟରେ, ସଂସ୍କୃତ, ହିନ୍ଦି, ତେଲୁଗୁ, ତାମିଲ, କନ୍ନଡ଼ ଓ ମାଲାୟଲମ ଭାଷାରେ ସାମବେଦର ଅନୁବାଦ ଉପଲବ୍ଧ ଅଛି ।

**|| ଇତି ସାମବେଦ ||**

Not For Commercial Use

ପୂର୍ବାର୍ଚିକଃ (ଛନ୍ଦ ଆର୍ଚିକଃ)

# ପ୍ରଥମ ଅଧ୍ୟାୟ

Not For Commercial Use

**ଓଁ ଶ୍ରୀ ଗଣେଶାୟ ନମଃ**

# ସାମବେଦ - କୌଥୁମ ସଂହିତା

## ପୂର୍ବାର୍ଚିକଃ (ଛନ୍ଦ ଆର୍ଚିକଃ)

## ଆଗ୍ନେୟଂ କାଣ୍ଡମ୍

## || ଅଥ ପ୍ରଥମୋଽଧ୍ୟାୟଃ ||

### [ ଅଥ ପ୍ରଥମପ୍ରପାଠକେ ପ୍ରଥମୋଽର୍ଧଃ ]

==============================================================

**(୧-୧-୧-୦୧)** [୧-୧୦] **ଋଷିଃ** - ଭରଦ୍ୱାଜୋ ବାର୍ହସ୍ପତ୍ୟଃ (୧-୨, ୪, ୭, ୯), ମେଧାତିଥିଃ କାଣ୍ୱଃ (୩), ଉଶନାଃ କାବ୍ୟଃ (୫), ସୁଦୀତିପୁରୁମୀଢାବାଙ୍ଗିରସୌ ତୟୋର୍ବାନ୍ୟତରଃ (୬), ବତ୍ସଃ କାଣ୍ୱଃ (୮), ବାମଦେବଃ (୧୦) | **ଛନ୍ଦ** - ଗାୟତ୍ରୀ (୧-୧୦) | **ଦେବତା** - ଅଗ୍ନିଃ (୧-୧୦)

==============================================================

ଅଗ୍ନ ଆ ୟାହି ବୀତୟେ ଗୃଣାନୋ ହବ୍ୟଦାତୟେ |
ନି ହୋତା ସତ୍ସି ବର୍ହିଷି || ୧ ||

ତ୍ୱମଗ୍ନେ ୟଜ୍ଞାନାଂ ହୋତା ବିଶ୍ୱେଷାଂ ହିତଃ |
ଦେବେଭିର୍ମାନୁଷେ ଜନେ || ୨ ||

ଅଗ୍ନିଂ ଦୂତଂ ବୃଣୀମହେ ହୋତାରଂ ବିଶ୍ୱବେଦସମ୍ |
ଅସ୍ୟ ୟଜ୍ଞସ୍ୟ ସୁକ୍ରତୁମ୍ || ୩ ||

ଅଗ୍ନିର୍ବୃତ୍ରାଣି ଜଙ୍ଘନଦ୍ରବିଣସ୍ୟୁର୍ବିପନ୍ୟୟା |
ସମିଦ୍ଧଃ ଶୁକ୍ର ଆହୁତଃ || ୪ ||

ପ୍ରେଷ୍ଠଂ ବୋ ଅତିଥିଂ ସ୍ତୁଷେ ମିତ୍ରମିବ ପ୍ରିୟମ୍ |
ଅଗ୍ନେ ରଥଂ ନ ବେଦ୍ୟମ୍ || ୫ ||

Not For Commercial Use

ତ୍ୱଂ ନୋ ଅଗ୍ନେ ମହୋଭିଃ ପାହି ବିଶ୍ୱସ୍ୟା ଅରାତେଃ |
ଉତ ଦ୍ୱିଷୋ ମର୍ତ୍ୟସ୍ୟ || ୬ ||

ଏହ୍ୟୂ ଷୁ ବ୍ରବାଣି ତେଽଗ୍ନ ଇତ୍ଥେତରା ଗିରଃ |
ଏଭିର୍ବର୍ଧାସ ଇନ୍ଦୁଭିଃ || ୭ ||

ଆ ତେ ବତ୍ସୋ ମନୋ ୟମତ୍ପରମାଚ୍ଚିତ୍ସଧସ୍ଥାତ୍ |
ଅଗ୍ନେ ତ୍ୱାଂ କାମୟେ ଗିରା || ୮ ||

ତ୍ୱାମଗ୍ନେ ପୁଷ୍କରାଦଧ୍ୟଥର୍ବା ନିରମନ୍ଥତ |
ମୂର୍ଧ୍ନୋ ବିଶ୍ୱସ୍ୟ ବାଘତଃ || ୯ ||

ଅଗ୍ନେ ବିବସ୍ୱଦା ଭରାସ୍ମଭ୍ୟମୂତୟେ ମହେ |
ଦେବୋ ହ୍ୟସି ନୋ ଦୃଶେ || ୧୦ || (୧୦)

**|| ଇତି ପ୍ରଥମା ଦଶତିଃ (୧) | ପ୍ରଥମଃ ଖଣ୍ଡଃ (୧) ||**

==============================================================

**(୧-୧-୧-୦୨)** [୧-୧୦] **ଋଷିଃ** - ଆୟୁଙ୍-କ୍ଷବାହିଃ (୧), ବାମଦେବୋ ଗୌତମଃ (୨), ପ୍ରୟୋଗୋ ଭାର୍ଗବଃ (୩, ୮-୯), ମଧୁଚ୍ଛନ୍ଦା ବୈଶ୍ୱାମିତ୍ରଃ (୪), ଶୁନଃଶେପ ଆଜୀଗର୍ତିଃ (୫, ୭), ମେଧାତିଥିଃ କାଣ୍ୱଃ (୬), ବତ୍ସଃ କାଣ୍ୱଃ (୧୦) | **ଛନ୍ଦ** - ଗାୟତ୍ରୀ (୧-୧୦) | **ଦେବତା** - ଅଗ୍ନିଃ (୧-୧୦)

==============================================================

ନମସ୍ତେ ଅଗ୍ନ ଓଜସେ ଗୃଣନ୍ତି ଦେବ କୃଷ୍ଟୟଃ |
ଅମୈରମିତ୍ରମର୍ଦୟ || ୧ ||

ଦୂତଂ ବୋ ବିଶ୍ୱବେଦସଂ ହବ୍ୟବାହମମର୍ତ୍ୟମ୍ |
ୟଜିଷ୍ଠମୃଞ୍ଜସେ ଗିରା || ୨ ||

ଉପ ତ୍ୱା ଜାମୟୋ ଗିରୋ ଦେଦିଶତୀର୍ହବିଷ୍କୃତଃ |
ବାୟୋରନୀକେ ଅସ୍ଥିରନ୍ || ୩ ||

ଉପ ତ୍ୱାଗ୍ନେ ଦିବେଦିବେ ଦୋଷାବସ୍ତର୍ଧିୟା ବୟମ୍ |
ନମୋ ଭରନ୍ତ ଏମସି || ୪ ||

ଜରାବୋଧ ତଦ୍ୱିବିଡ଼୍ଢି ବିଶେବିଶେ ୟଜ୍ଞିୟାୟ |
ସ୍ତୋମଂ ରୁଦ୍ରାୟ ଦୃଶୀକମ୍ || ୫ ||

ପ୍ରତି ତ୍ୟଂ ଚାରୁମଧ୍ୱରଂ ଗୋପୀଥାୟ ପ୍ର ହୂୟସେ |
ମରୁଦ୍-ଭିରଗ୍ନ ଆ ଗହି || ୬ ||

ଅଶ୍ୱଂ ନ ତ୍ୱା ବାରବନ୍ତଂ ବନ୍ଦଧ୍ୟା ଅଗ୍ନିଂ ନମୋଭିଃ |
ସମ୍ରାଜନ୍ତମଧ୍ୱରାଣାମ୍ || ୭ ||

ଔର୍ବଭୃଗୁବଚ୍ଛୁଚିମପ୍ନବାନବଦା ହୁବେ |
ଅଗ୍ନିଂ ସମୁଦ୍ରବାସସମ୍ || ୮ ||

ଅଗ୍ନିମିନ୍ଧାନୋ ମନସା ଧିୟଂ ସଚେତ ମର୍ତ୍ୟଃ |
ଅଗ୍ନିମିନ୍ଧେ ବିବସ୍ୱଭିଃ || ୯ ||

ଆଦିତ୍-ପ୍ରତ୍ନସ୍ୟ ରେତସୋ ଜ୍ୟୋତିଃ ପଶ୍ୟନ୍ତି ବାସରମ୍ |
ପରୋ ୟଦିଧ୍ୟତେ ଦିବି || ୧୦ || (୨୦)

**|| ଇତି ଦ୍ୱିତୀୟା ଦଶତିଃ (୨) | ଦ୍ୱିତୀୟଃ ଖଣ୍ଡଃ (୨) ||**

==================================================

**(୧-୧-୧-୦୩)** [୧-୧୪] **ଋଷିଃ** - ପ୍ରୟୋଗୋ ଭାର୍ଗବଃ (୧), ଭରଦ୍ୱାଜୋ ବାର୍ହସ୍ପତ୍ୟଃ (୨, ୫), ବାମଦେବୋ ଗୌତମଃ (୩, ୧୦), ବସିଷ୍ଠୋ ମୈତ୍ରାବରୁଣିଃ (୪, ୬), ବିରୂପ ଆଙ୍ଗିରସଃ (୭), ଶୁନଃଶେପ ଆଜୀଗର୍ତିଃ (୮), ଗୋପବନ ଆତ୍ରେୟଃ (୯), ପ୍ରସ୍କଣ୍ୱଃ କାଣ୍ୱଃ (୧୧), ମେଧାତିଥିଃ କାଣ୍ୱଃ (୧୨), ସିନ୍ଧୁଦ୍ୱୀପ ଆମ୍ବରୀଷଃ ତ୍ରିତ ଆପ୍ତ୍ୟୋ ବା (୧୩), ଉଶନା କାବ୍ୟଃ (୧୪) | **ଛନ୍ଦ** - ଗାୟତ୍ରୀ (୧-୧୪) | **ଦେବତା** - ଅଗ୍ନିଃ (୧-୧୪)

==================================================

ଅଗ୍ନିଂ ବୋ ବୃଧନ୍ତମଧ୍ୱରାଣାଂ ପୁରୂତମମ୍ |
ଅଚ୍ଛା ନପ୍ତ୍ରେ ସହସ୍ୱତେ || ୧ ||

ଅଗ୍ନିସ୍ତିଗ୍ମେନ ଶୋଚିଷା ୟଂସଦ୍ୱିଶ୍ୱଂ ନ୍ୟାତ୍ରିଣମ୍ |
ଅଗ୍ନିର୍ନୋ ବଂସତେ ରୟିମ୍ || ୨ ||

ଅଗ୍ନେ ମୃଡ ମହାଂ ଅସ୍ୟୟ ଆ ଦେବୟୁଂ ଜନମ୍ |
ଇୟେଥ ବର୍ହିରାସଦମ୍ || ୩ ||

ଅଗ୍ନେ ରକ୍ଷା ଣୋ ଅଂହସଃ ପ୍ରତି ସ୍ମ ଦେବ ରୀଷତଃ |
ତପିଷ୍ଠୈରଜରୋ ଦହ || ୪ ||

ଅଗ୍ନେ ୟୁଙ୍‌-କ୍ଷ୍ୱା ହି ୟେ ତବାଶ୍ୱାସୋ ଦେବ ସାଧବଃ |
ଅରଂ ବହନ୍ତ୍ୟାଶବଃ || ୫ ||

ନି ତ୍ୱା ନକ୍ଷ୍ୟ ବିଶ୍ପତେ ଦ୍ୟୁମନ୍ତଂ ଧୀମହେ ବୟମ୍ |
ସୁବୀରମଗ୍ନ ଆହୁତ || ୬ ||

ଅଗ୍ନିର୍ମୂର୍ଧା ଦିବଃ କକୁତ୍ପତିଃ ପୃଥିବ୍ୟା ଅୟମ୍ |
ଅପାଂ ରେତାଂସି ଜିନ୍ୱତି || ୭ ||

Not For Commercial Use

ଇମମୂ ଷୁ ତ୍ୱମସ୍ମାକଂ ସନିଂ ଗାୟତ୍ରଂ ନବ୍ୟାଂସମ୍ |
ଅଗ୍ନେ ଦେବେଷୁ ପ୍ର ବୋଚଃ || ୮ ||

ତଂ ତ୍ୱା ଗୋପବନୋ ଗିରା ଜନିଷ୍ଠଦଗ୍ନେ ଅଙ୍ଗରଃ |
ସ ପାବକ ଶ୍ରୁଧୀ ହବମ୍ || ୯ ||

ପରି ବାଜପତିଃ କବିରଗ୍ନିର୍ହବ୍ୟାନ୍ୟକ୍ରମୀତ୍ |
ଦଧଦ୍ରତ୍ନାନି ଦାଶୁଷେ || ୧୦ ||

ଉଦୁ ତ୍ୟଂ ଜାତବେଦସଂ ଦେବଂ ବହନ୍ତି କେତବଃ |
ଦୃଶେ ବିଶ୍ୱାୟ ସୂର୍ଯ୍ୟମ୍ || ୧୧ ||

କବିମଗ୍ନିମୁପ ସ୍ତୁହି ସତ୍ୟଧର୍ମାଣମଧ୍ୱରେ |
ଦେବମମୀବଚାତନମ୍ || ୧୨ ||

ଶଂ ନୋ ଦେବୀରଭିଷ୍ଟୟେ ଶଂ ନୋ ଭବନ୍ତୁ ପୀତୟେ |
ଶଂ ୟୋରଭି ସ୍ରବନ୍ତୁ ନଃ || ୧୩ ||

କସ୍ୟ ନୂନଂ ପରୀଣସି ଧିୟୋ ଜିନ୍ୱସି ସତ୍ପତେ |
ଜୋଷାତା ୟସ୍ୟ ତେ ଗିରଃ || ୧୪ || (୩୪)

**|| ଇତି ତୃତୀୟା ଦଶତିଃ (୩) | ତୃତୀୟଃ ଖଣ୍ଡଃ (୩) ||**

Not For Commercial Use

==================================================

**(୧-୧-୧-୦୪)** [୧-୧୦] **ଋଷିଃ** - ଶଂୟୁର୍ବାର୍ହସ୍ପତ୍ୟଃ (୧, ୩, ୭), ଭର୍ଗଃ ପ୍ରାଗାଥଃ (୨, ୫, ୮-୯), ବସିଷ୍ଠୋ ମୈତ୍ରାବରୁଣିଃ (୪), ପ୍ରସ୍କଣ୍ୱଃ କାଣ୍ୱଃ (୬), ସୋଭରିଃ କାଣ୍ୱଃ (୧୦) |

**ଛନ୍ଦ** - ବୃହତୀ (୧-୧୦) | **ଦେବତା** - ଅଗ୍ନିଃ (୧-୧୦)

==================================================

ୟଜ୍ଞାୟଜ୍ଞା ବୋ ଅଗ୍ନୟେ ଗିରାଗିରା ଚ ଦକ୍ଷସେ |
ପ୍ରପ୍ର ବୟମମୃତଂ ଜାତବେଦସଂ ପ୍ରିୟଂ ମିତ୍ରଂ ନ ଶଂସିଷମ୍ || ୧ ||

ପାହି ନୋ ଅଗ୍ନ ଏକୟା ପାହ୍ୟୂ୩ତ ଦ୍ୱିତୀୟୟା |
ପାହି ଗୀର୍ଭିସ୍ତିସୃଭିରୂର୍ଜାଂ ପତେ ପାହି ଚତସୃଭିର୍ବସୋ || ୨ ||

ବୃହଦ୍-ଭିରଗ୍ନେ ଅର୍ଚିଭିଃ ଶୁକ୍ରେଣ ଦେବ ଶୋଚିଷା |
ଭରଦ୍ୱାଜେ ସମିଧାନୋ ୟବିଷ୍ଠ୍ୟ ରେବପ୍ରାବକ ଦୀଦିହି || ୩ ||

ତ୍ୱେ ଅଗ୍ନେ ସ୍ୱାହୁତ ପ୍ରିୟାସଃ ସନ୍ତୁ ସୂରୟଃ |
ୟନ୍ତାରୋ ୟେ ମଘବାନୋ ଜନାନାମୂର୍ବଂ ଦୟନ୍ତ ଗୋନାମ୍ || ୪ ||

ଅଗ୍ନେ ଜରିତର୍ବିଶ୍ପତିସ୍ତପାନୋ ଦେବ ରକ୍ଷସଃ |
ଅପ୍ରୋଷିବାନ୍-ଗୃହପତେ ମହାଂ ଅସି ଦିବସ୍ପାୟୁର୍ଦୁରୋଣୟୁଃ || ୫ ||

ଅଗ୍ନେ ବିବସ୍ୱଦୁଷସଶ୍ଚିତ୍ରଂ ରାଧୋ ଅମର୍ତ୍ୟ |
ଆ ଦାଶୁଷେ ଜାତବେଦୋ ବହା ତ୍ୱମଦ୍ୟା ଦେବାଂ ଉଷର୍ବୁଧଃ || ୬ ||

ତ୍ୱଂ ନଶ୍ଚିତ୍ର ଊତ୍ୟା ବସୋ ରାଧାଂସି ଚୋଦୟ |
ଅସ୍ୟ ରାୟସ୍ତ୍ୱମଗ୍ନେ ରଥୀରସି ବିଦା ଗାଧଂ ତୁଚେ ତୁ ନଃ || ୭ ||

ତ୍ୱମିତ୍ସପ୍ରଥା ଅସ୍ୟଗ୍ନେ ତ୍ରାତରୃତଃ କବିଃ |
ତ୍ୱାଂ ବିପ୍ରାସଃ ସମିଧାନ ଦୀଦିବ ଆ ବିବାସନ୍ତି ବେଧସଃ || ୮ ||

ଆ ନୋ ଅଗ୍ନେ ବୟୋବୃଧଂ ରୟିଂ ପାବକ ଶଂସ୍ୟମ୍ |
ରାସ୍ୱା ଚ ନ ଉପମାତେ ପୁରୁସ୍ପୃହଂ ସୁନୀତୀ ସୁୟଶସ୍ତରମ୍ || ୯ ||

ୟୋ ବିଶ୍ୱା ଦୟତେ ବସୁ ହୋତା ମନ୍ଦ୍ରୋ ଜନାନାମ୍ |
ମଧୋର୍ନ ପାତ୍ରା ପ୍ରଥମାନ୍ୟସ୍ମୈ ପ୍ର ସ୍ତୋମା ୟନ୍ତ୍ୱଗ୍ନୟେ || ୧୦ || (୪୪)

**|| ଇତି ଚତୁର୍ଥୀ ଦଶତିଃ (୪) | ଚତୁର୍ଥଃ ଖଣ୍ଡଃ (୪) ||**

==============================================================

**(୧-୧-୧-୦୫)** [୧-୧୦] **ଋଷିଃ** - ବସିଷ୍ଠୋ ମୈତ୍ରାବରୁଣିଃ (୧), ଭର୍ଗଃ ପ୍ରାଗାଥଃ (୨),
ସୋଭରିଃ କାଣ୍ୱଃ (୩, ୭), ମନୁର୍ବୈବସ୍ୱତଃ (୪), ସୁଦୀତିପୁରୁମୀଳାବାଂଗିରସୌ (୫),
ପ୍ରସ୍କଣ୍ୱଃ କାଣ୍ୱଃ (୬), ମେଧାତିଥି-ମେଧ୍ୟାତିଥୀ କାଣ୍ୱୌ (୮), ବିଶ୍ୱାମିତ୍ରୋ ଗାଥିନଃ (୯),
କଣ୍ୱୋ ଘୌରଃ (୧୦) | **ଛନ୍ଦ** - ବୃହତୀ (୧-୧୦) | **ଦେବତା** - ଅଗ୍ନିଃ (୧-୭, ୯-୧୦), ଇନ୍ଦ୍ରଃ (୮)

==============================================================

ଏନା ବୋ ଅଗ୍ନିଂ ନମସୋର୍ଜୋ ନପାତମା ହୁବେ |
ପ୍ରିୟଂ ଚେତିଷ୍ଠମରତିଂ ସ୍ୱାଧ୍ୱରଂ ବିଶ୍ୱସ୍ୟ ଦୂତମମୃତମ୍ || ୧ ||

ଶେଷେ ବନେଷୁ ମାତୃଷୁ ସଂ ତ୍ୱା ମର୍ତାସ ଇନ୍ଧତେ |
ଅତନ୍ଦ୍ରୋ ହବ୍ୟଂ ବହସି ହବିଷ୍କୃତ ଆଦିଦ୍ଦେବେଷୁ ରାଜସି || ୨ ||

ଅଦର୍ଶି ଗାତୁବିତ୍ତମୋ ୟସ୍ମିନ୍-ବ୍ରତାନ୍ୟାଦଧୁଃ |
ଉପୋ ଷୁ ଜାତମାର୍ୟସ୍ୟ ବର୍ଧନମଗ୍ନିଂ ନକ୍ଷନ୍ତ ନୋ ଗିରଃ || ୩ ||

ଅଗ୍ନିରୁକ୍-ଥେ ପୁରୋହିତୋ ଗ୍ରାବାଣୋ ବର୍ହିରଧ୍ୱରେ |
ଋଚା ୟାମି ମରୁତୋ ବ୍ରହ୍ମଣସ୍ପତେ ଦେବା ଅବୋ ବରେଣ୍ୟମ୍ || ୪ ||

Not For Commercial Use

ଅଗ୍ନିମୀଡିଷ୍ୱାବସେ ଗାଥାଭିଃ ଶୀରଶୋଚିଷମ୍ |
ଅଗ୍ନିଂ ରାୟେ ପୁରୁମୀଢ ଶ୍ରୁତଂ ନରୋଽଗ୍ନିଃ ସୁଦୀତୟେ ଛର୍ଦିଃ || ୫ ||

ଶ୍ରୁଧି ଶ୍ରୁତ୍କର୍ଣ୍ଣ ବହ୍ନିଭିର୍ଦେବୈରଗ୍ନେ ସୟାବଭିଃ |
ଆ ସୀଦତୁ ବର୍ହିଷି ମିତ୍ରୋ ଅର୍ଯମା ପ୍ରାତର୍ଯାବଭିରଧ୍ୱରେ || ୬ ||

ପ୍ର ଦୈବୋଦାସୋ ଅଗ୍ନିର୍ଦେବ ଇନ୍ଦ୍ରୋ ନ ମଜ୍ମନା |
ଅନୁ ମାତରଂ ପୃଥିବୀଂ ବି ବାବୃତେ ତସ୍ଥୌ ନାକସ୍ୟ ଶର୍ମଣି || ୭ ||

ଅଧ ଜ୍ମୋ ଅଧ ବା ଦିବୋ ବୃହତୋ ରୋଚନାଦଧି |
ଅୟା ବର୍ଧସ୍ୱ ତନ୍ୱା ଗିରା ମମା ଜାତା ସୁକ୍ରତୋ ପୃଣ || ୮ ||

କାୟମାନୋ ବନା ତ୍ୱଂ ୟନ୍ମାତୃରଜଗନ୍ନପଃ |
ନ ତତ୍ତେ ଅଗ୍ନେ ପ୍ରମୃଷେ ନିବର୍ତନଂ ୟଦ୍ଦୂରେ ସନ୍ନିହାଭୁବଃ || ୯ ||

ନି ତ୍ୱାମଗ୍ନେ ମନୁର୍ଦଧେ ଜ୍ୟୋତିର୍ଜନାୟ ଶଶ୍ୱତେ |
ଦୀଦେଥ କଣ୍ୱ ଋତଜାତ ଉକ୍ଷିତୋ ୟଂ ନମସ୍ୟନ୍ତି କୃଷ୍ଟୟଃ || ୧୦ || (୫୪)

**|| ଇତି ପଞ୍ଚମୀ ଦଶତିଃ (୫) | ପଞ୍ଚମଃ ଖଣ୍ଡଃ (୫) ||**

## || ଇତି ପ୍ରଥମପ୍ରପାଠକେ ପ୍ରଥମୋଽର୍ଧଃ ||

Not For Commercial Use

# [ ଅଥ ପ୍ରଥମପ୍ରପାଠକେ ଦ୍ୱିତୀୟୋଽର୍ଧଃ ]

==========================================================

**(୧-୧-୨-୦୬)** [୧-୮] **ଋଷିଃ** - ବସିଷ୍ଠୋ ମୈତ୍ରାବରୁଣିଃ (୧, ୭), କଣ୍ୱୋ ଘୌରଃ (୨, ୩, ୫), ସୋଭରିଃ କାଣ୍ୱଃ (୪), ଉକ୍ଷୀଲଃ କାତ୍ୟଃ (୬), ବିଶ୍ୱାମିତ୍ରୋ ଗାଥିନଃ (୮) |

**ଛନ୍ଦ** - ବୃହତୀ (୧-୮) | **ଦେବତା** - ଅଗ୍ନିଃ (୧, ୪-୮), ବ୍ରହ୍ମଣସ୍ପତିଃ (୨), ଯୂପଃ (୩)

==========================================================

ଦେବୋ ବୋ ଦ୍ରବିଣୋଦାଃ ପୂର୍ଣ୍ଣାଂ ବିବଷ୍ଟ୍ୱାସିଚମ୍ |
ଉଦ୍ୱା ସିଞ୍ଚଧ୍ୱମୁପ ବା ପୃଣଧ୍ୱମାଦିଦ୍ୱୋ ଦେବ ଓହତେ || ୧ ||

ପ୍ରୈତୁ ବ୍ରହ୍ମଣସ୍ପତିଃ ପ୍ର ଦେବ୍ୟେତୁ ସୂନୃତା |
ଅଚ୍ଛା ବୀରଂ ନର୍ଯ୍ୟଂ ପଙ୍କ୍ତିରାଧସଂ ଦେବା ଯଜ୍ଞଂ ନୟନ୍ତୁ ନଃ || ୨ ||

ଊର୍ଧ୍ୱ ଊ ଷୁ ଣ ଊତୟେ ତିଷ୍ଠା ଦେବୋ ନ ସବିତା |
ଊର୍ଧ୍ୱୋ ବାଜସ୍ୟ ସନିତା ୟଦଞ୍ଜିଭିର୍ବାଘଦ୍-ଭିର୍ବିହ୍ୱୟାମହେ || ୩ ||

ପ୍ର ୟୋ ରାୟେ ନିନୀଷତି ମର୍ତୋ ୟସ୍ତେ ବସୋ ଦାଶତ୍ |
ସ ବୀରଂ ଧତ୍ତେ ଅଗ୍ନ ଉକ୍ଥଶଂସିନଂ ତ୍ମନା ସହସ୍ରପୋଷିଣମ୍ || ୪ ||

ପ୍ର ବୋ ୟହ୍ୱଂ ପୁରୂଣାଂ ବିଶାଂ ଦେବୟତୀନାମ୍ |
ଅଗ୍ନିଂ ସୂକ୍ତେଭିର୍ବଚୋଭିର୍ବୃଣୀମହେ ୟଂସମିଦନ୍ୟ ଇନ୍ଧତେ || ୫ ||

ଅୟମଗ୍ନିଃ ସୁବୀର୍ୟସ୍ୟେଶେ ହି ସୌଭଗସ୍ୟ |
ରାୟ ଈଶେ ସ୍ୱପତ୍ୟସ୍ୟ ଗୋମତ ଈଶେ ବୃତ୍ରହଥାନାମ୍ || ୬ ||

ତ୍ୱମଗ୍ନେ ଗୃହପତିସ୍ତ୍ୱଂ ହୋତା ନୋ ଅଧ୍ୱରେ |
ତ୍ୱଂ ପୋତା ବିଶ୍ୱବାର ପ୍ରଚେତା ୟକ୍ଷି ୟାସି ଚ ବାର୍ୟମ୍ || ୭ ||

Not For Commercial Use

ସଖାୟସ୍ତ୍ୱା ବବୃମହେ ଦେବଂ ମର୍ତାସ ଉତୟେ |
ଅପାଂ ନପାତଂ ସୁଭଗଂ ସୁଦଂସସଂ ସୁପ୍ରତୂର୍ତିମନେହସମ୍ || ୮ || (୭୨)

**|| ଇତି ଷଷ୍ଠୀ ଦଶତିଃ (୬) | ଷଷ୍ଠଃ ଖଣ୍ଡଃ (୬) ||**

==========================================================

**(୧-୧-୨-୦୭)** [୧-୧୦] **ଋଷିଃ** - ଶ୍ୟାବାଶ୍ୱୋ ବାମଦେବୋ ବା (୧), ଉପସ୍ତୁତୋ ବାର୍ହିଷ୍ଟବ୍ୟଃ (୨),
ବୃହଦୁକ୍-ଥୋ ବାମଦେବ୍ୟଃ (୩), କୁତ୍ସ ଆଙ୍ଗିରସଃ (୪), ଭରଦ୍ୱାଜୋ ବାର୍ହସ୍ପତ୍ୟଃ (୫-୬),
ବାମଦେବୋ ଗୌତମଃ (୭), ବସିଷ୍ଠୋ ମୈତ୍ରାବରୁଣିଃ (୮, ୧୦), ତ୍ରିଶିରାସ୍ତ୍ୱାଷ୍ଟ୍ରଃ (୯) |
**ଛନ୍ଦ** - ତ୍ରିଷ୍ଟୁପ୍ (୧, ୩, ୫-୯), ଜଗତୀ (୨, ୪), ତ୍ରିପାଦ ବିରାଟ୍ ଗାୟତ୍ରୀ (୧୦) |
**ଦେବତା** - ମନ୍ତ୍ରୋକ୍ତାଃ (୧-୧୦)

==========================================================

ଆ ଜୁହୋତା ହବିଷା ମର୍ଜୟଧ୍ୱଂ ନି ହୋତାରଂ ଗୃହପତିଂ ଦଧିଧ୍ୱମ୍ |
ଇଡସ୍ପଦେ ନମସା ରାତହବ୍ୟଂ ସପର୍ୟତା ୟଜତଂ ପସ୍ତ୍ୟାନାମ୍ || ୧ ||

ଚିତ୍ର ଇଚ୍ଛିଶୋସ୍ତରୁଣସ୍ୟ ବକ୍ଷଥୋ ନ ୟୋ ମାତରାବନ୍ୱେତି ଧାତବେ |
ଅନୂଧା ୟଦଜୀଜନଦଧା ଚିଦା ବବକ୍ଷତ୍ସଦ୍ୟୋ ମହି ଦୂତ୍ୟାଂ୩ ଚରନ୍ || ୨ ||

ଇଦଂ ତ ଏକଂ ପର ଊ ତ ଏକଂ ତୃତୀୟେନ ଜ୍ୟୋତିଷା ସଂ ବିଶସ୍ୱ |
ସଂବେଶନସ୍ତନ୍ୱେ୩ ଚାରୁରେଧି ପ୍ରିୟୋ ଦେବାନାଂ ପରମେ ଜନିତ୍ରେ || ୩ ||

ଇମଂ ସ୍ତୋମମର୍ହତେ ଜାତବେଦସେ ରଥମିବ ସଂ ମହେମା ମନୀଷୟା |
ଭଦ୍ରା ହି ନଃ ପ୍ରମତିରସ୍ୟ ସଂସଦ୍ୟଗ୍ନେ ସଖ୍ୟେ ମା ରିଷାମା ବୟଂ ତବ || ୪ ||

ମୂର୍ଧାନଂ ଦିବୋ ଅରତିଂ ପୃଥିବ୍ୟା ବୈଶ୍ୱାନରମୃତ ଆ ଜାତମଗ୍ନିମ୍ |
କବିଂ ସମ୍ରାଜମତିଥିଂ ଜନାନାମାସନ୍ନଃ ପାତ୍ରଂ ଜନୟନ୍ତ ଦେବାଃ || ୫ ||

Not For Commercial Use

ବି ତ୍ୱଦାପୋ ନ ପର୍ବତସ୍ୟ ପୃଷ୍ଠାଦୁକ୍-ଥେଭିରଗ୍ନେ ଜନୟନ୍ତ ଦେବାଃ |
ତଂ ତ୍ୱା ଗିରଃ ସୁଷ୍ଟୁତୟୋ ବାଜୟନ୍ତ୍ୟାଜିଂ ନ ଗିର୍ବବାହୋ ଜିଗ୍ୟୁରଶ୍ୱାଃ || ୬ ||

ଆ ବୋ ରାଜାନମଧ୍ୱରସ୍ୟ ରୁଦ୍ରଂ ହୋତାରଂ ସତ୍ୟଯଜଂ ରୋଦସ୍ୟୋଃ |
ଅଗ୍ନିଂ ପୁରା ତନୟିତ୍ନୋରଚିତ୍ତାଦ୍ଧିରଣ୍ୟରୂପମବସେ କୃଣୁଧ୍ୱମ୍ || ୭ ||

ଇନ୍ଧେ ରାଜା ସମର୍ଯ୍ୟୋ ନମୋଭିର୍ୟସ୍ୟ ପ୍ରତୀକମାହୁତଂ ଘୃତେନ |
ନରୋ ହବ୍ୟେଭିରୀଡତେ ସବାଧ ଆଗ୍ନିରଗ୍ରମୁଷସାମଶୋଚି || ୮ ||

ପ୍ର କେତୁନା ବୃହତା ୟାତ୍ୟଗ୍ନିରା ରୋଦସୀ ବୃଷଭୋ ରୋରବୀତି |
ଦିବଶ୍ଚିଦନ୍ତାଦୁପମାମୁଦାନଡପାମୁପସ୍ଥେ ମହିଷୋ ବବର୍ଧ || ୯ ||

ଅଗ୍ନିଂ ନରୋ ଦୀଧିତିଭିରଣ୍ୟୋର୍ହସ୍ତଚ୍ୟୁତଂ ଜନୟତ ପ୍ରଶସ୍ତମ୍ |
ଦୂରେଦୃଶଂ ଗୃହପତିମଥବ୍ୟୁମ୍ || ୧୦ || (୭୨)

**|| ଇତି ସପ୍ତମୀ ଦଶତିଃ (୭) | ସପ୍ତମଃ ଖଣ୍ଡଃ (୭) ||**

===========================================================

**(୧-୧-୨-୦୮)** [୧-୮] **ଋଷିଃ** - ବୁଧଗବିଷ୍ଠିରାବାତ୍ରେୟୌ (୧), ବସୁଶ୍ରୁର୍ଭାଲନ୍ଦନଃ (୨, ୫), ଭରଦ୍ୱାଜୋ ବାର୍ହସ୍ପତ୍ୟଃ (୩), ବିଶ୍ୱାମିତ୍ରୋ ଗାଥିନଃ (୪, ୭), ବସିଷ୍ଠୋ ମୈତ୍ରାବରୁଣିଃ (୬), ପାୟୁର୍ଭାରଦ୍ୱାଜଃ (୮) | **ଛନ୍ଦ** - ତ୍ରିଷ୍ଟୁପ୍ (୧-୮) | **ଦେବତା** - ଅଗ୍ନିଃ (୧-୨, ୪-୮), ପୂଷା (୩)

===========================================================

ଅବୋଧ୍ୟଗ୍ନିଃ ସମିଧା ଜନାନାଂ ପ୍ରତି ଧେନୁମିବାୟତୀମୁଷାସମ୍ |
ୟହ୍ୱା ଇବ ପ୍ର ବୟାମୁଜ୍ଜିହାନାଃ ପ୍ର ଭାନବଃ ସସ୍ରତେ ନାକମଚ୍ଛ || ୧ ||

ପ୍ର ଭୂର୍ଜୟନ୍ତଂ ମହାଂ ବିପୋଧାଂ ମୂରୈରମୂରଂ ପୁରାଂ ଦର୍ମାଣମ୍ |
ନୟନ୍ତଂ ଗୀର୍ଭିର୍ବନା ଧିୟଂ ଧା ହରିଶ୍ମଶ୍ରୁଂ ନ ବର୍ମଣା ଧନର୍ଚିମ୍ || ୨ ||

ଶୁକ୍ରଂ ତେ ଅନ୍ୟଦ୍ୟଜତଂ ତେ ଅନ୍ୟଦ୍ୱିଷୁରୂପେ ଅହନୀ ଦ୍ୟୌରିବାସି ।
ବିଶ୍ୱା ହି ମାୟା ଅବସି ସ୍ୱଧାବନ୍‌ଭଦ୍ରା ତେ ପୂଷନ୍ନିହ ରାତିରସ୍ତୁ ।। ୩ ।।

ଇଡାମଗ୍ନେ ପୁରୁଦଂସଂ ସନିଂ ଗୋଃ ଶଶ୍ୱତ୍ତମଂ ହବମାନାୟ ସାଧ ।
ସ୍ୟାନ୍ନଃ ସୂନୁସ୍ତନୟୋ ବିଜାବାଗ୍ନେ ସା ତେ ସୁମତିର୍ଭୂତ୍ୱସ୍ମେ ।। ୪ ।।

ପ୍ର ହୋତା ଜାତୋ ମହାନ୍ନଭୋବିନ୍ନୃଷଦ୍ମା ସୀଦଦପାଂ ବିବର୍ତେ ।
ଦଧଦ୍ୟୋ ଧାୟୀ ସୁତେ ବୟାଂସି ୟନ୍ତା ବସୂନି ବିଧତେ ତନୂପାଃ ।। ୫ ।।

ପ୍ର ସମ୍ରାଜମସୁରସ୍ୟ ପ୍ରଶସ୍ତଂ ପୁଂସଃ କୃଷ୍ଟୀନାମନୁମାଦ୍ୟସ୍ୟ ।
ଇନ୍ଦ୍ରସ୍ୟେବ ପ୍ର ତବସସ୍କୃତାନି ବନ୍ଦଦ୍ୱାରା ବନ୍ଦମାନା ବିବଷ୍ଟୁ ।। ୬ ।।

ଅରଣ୍ୟୋର୍ନିହିତୋ ଜାତବେଦା ଗର୍ଭ ଇବେତ୍ସୁଭୃତୋ ଗର୍ଭିଣୀଭିଃ ।
ଦିବେଦିବ ଇଡ୍ୟୋ ଜାଗୃବଦ୍-ଭିର୍ହବିଷ୍ମଦ୍-ଭିର୍ମନୁଷ୍ୟେଭିରଗ୍ନିଃ ।। ୭ ।।

ସନାଦଗ୍ନେ ମୃଣସି ୟାତୁଧାନାନ୍ନ ତ୍ୱା ରକ୍ଷାଂସି ପୃତନାସୁ ଜିଗ୍ୟୁଃ ।
ଅନୁ ଦହ ସହମୂରାନ୍-କୟାଦୋ ମା ତେ ହେତ୍ୟା ମୁକ୍ଷତ ଦୈବ୍ୟାୟାଃ ।। ୮ ।। (୮୦)

**।। ଇତି ଅଷ୍ଟମୀ ଦଶତିଃ (୮) । ଅଷ୍ଟମଃ ଖଣ୍ଡଃ (୮) ।।**

===========================================================

**(୧-୧-୨-୦୯)** [୧-୧୦] **ଋଷିଃ** - ଗୟ ଆତ୍ରେୟଃ (୧), ବାମଦେବଃ (୨), ଭରଦ୍ୱାଜୋ ବାର୍ହସ୍ପତ୍ୟଃ (୩, ୪), ଦ୍ୱିତୋ ମୃକ୍ତବାହା ଆତ୍ରେୟଃ (୫), ବସୂୟବ ଆତ୍ରେୟାଃ (୬), ଗୋପବନ ଆତ୍ରେୟଃ (୭,୯), ପୂରୁରାତ୍ରେୟଃ (୮), ବାମଦେବଃ କଶ୍ୟପୋ ବା ମାରୀଚୋ ମନୁର୍ବା ବୈବସ୍ୱତ ଉଭୌ ବା (୧୦) । **ଛନ୍ଦ** - ଅନୁଷ୍ଟୁପ୍ (୧-୧୦) । **ଦେବତା** - ଅଗ୍ନିଃ (୧-୧୦)

===========================================================

ଅଗ୍ନ ଓଜିଷ୍ଠମା ଭର ଦ୍ୟୁମ୍ନମସ୍ମଭ୍ୟମଧ୍ରିଗୋ ।
ପ୍ର ନୋ ରାୟେ ପନୀୟସେ ରତ୍ସି ବାଜାୟ ପନ୍ଥାମ୍ ।। ୧ ।।

ୟଦି ବୀରୋ ଅନୁ ଷ୍ୟାଦଗ୍ନିମିନ୍ଧୀତ ମର୍ତ୍ୟଃ |
ଆଜୁହ୍ୱଦ୍ଧବ୍ୟମାନୁଷକ୍-ଶର୍ମ ଭକ୍ଷୀତ ଦୈବ୍ୟମ୍ || ୨ ||

ତ୍ୱେଷସ୍ତେ ଧୂମ ଋଣ୍ୱତି ଦିବି ସଂ ଚ୍ଛୁକ୍ର ଆତତଃ |
ସୂରୋ ନ ହି ଦ୍ୟୁତା ତ୍ୱଂ କୃପା ପାବକ ରୋଚସେ || ୩ ||

ତ୍ୱꣳ ହି କ୍ଷୈତବଦ୍ୟଶୋଽଗ୍ନେ ମିତ୍ରୋ ନ ପତ୍ୟସେ |
ତ୍ୱଂ ବିଚର୍ଷଣେ ଶ୍ରବୋ ବସୋ ପୁଷ୍ଟିଂ ନ ପୁଷ୍ୟସି || ୪ ||

ପ୍ରାତରଗ୍ନିଃ ପୁରୁପ୍ରିୟୋ ବିଷ ସ୍ତବେତାତିଥିଃ |
ବିଶ୍ୱେ ୟସ୍ମିନ୍ନମର୍ତ୍ୟେ ହବ୍ୟଂ ମର୍ତାସ ଇନ୍ଧତେ || ୫ ||

ୟଦ୍ୱାହିଷ୍ଠଂ ତଦଗ୍ନୟେ ବୃହଦର୍ଚ ବିଭାବସୋ |
ମହିଷୀବ ତ୍ୱଦ୍ରୟିସ୍ତ୍ୱଦ୍ୱାଜା ଉଦୀରତେ || ୬ ||

ବିଶୋବିଶୋ ବୋ ଅତିଥିଂ ବାଜୟନ୍ତଃ ପୁରୁପ୍ରିୟମ୍ |
ଅଗ୍ନିଂ ବୋ ଦୁର୍ୟଂ ବଚଃ ସ୍ତୁଷେ ଶୂଷସ୍ୟ ମନ୍ମଭିଃ || ୭ ||

ବୃହଦ୍ୱୟୋ ହି ଭାନବେଽର୍ଚା ଦେବାୟାଗ୍ନୟେ |
ୟଂ ମିତ୍ରଂ ନ ପ୍ରଶସ୍ତୟେ ମର୍ତାସୋ ଦଧିରେ ପୁରଃ || ୮ ||

ଅଗନ୍ମ ବୃତ୍ରହନ୍ତମଂ ଜ୍ୟେଷ୍ଠମଗ୍ନିମାନବମ୍ |
ୟ ସ୍ମ ଶ୍ରୁତର୍ବନ୍ନାର୍କ୍ଷେ ବୃହଦନୀକ ଇଧ୍ୟତେ || ୯ ||

ଜାତଃ ପରେଣ ଧର୍ମଣା ୟତ୍ସବୃଦ୍-ଭିଃ ସହାଭୁବଃ |
ପିତା ୟତ୍କଶ୍ୟପସ୍ୟାଗ୍ନିଃ ଶ୍ରଦ୍ଧା ମାତା ମନୁଃ କବିଃ || ୧୦ || (୯୦)

**|| ଇତି ନବମୀ ଦଶତିଃ (୯) | ନବମଃ ଖଣ୍ଡଃ (୯) ||**

Not For Commercial Use

==================================================

**(୧-୧-୨-୧୦)** [୧-୬] **ଋଷିଃ** - ଅଗ୍ନିସ୍ତାପସଃ (୧), ବାମଦେବଃ କଶ୍ୟପଃ, ଅସିତୋ ଦେବଲୋ ବା (୨, ୩), ସୋମାହୁତିର୍ଭାର୍ଗବଃ (୪), ପାୟୁର୍ଭାରଦ୍ୱାଜଃ (୫), ପ୍ରସ୍କଣ୍ୱଃ କାଣ୍ୱଃ (୬) | **ଛନ୍ଦ** - ଅନୁଷ୍ଟୁପ୍ (୧-୬) | **ଦେବତା** - ଅଗ୍ନିଃ (୩-୬), ବିଶ୍ୱେଦେବାଃ (୧), ଅଙ୍ଗିରାଃ (୨)

==================================================

ସୋମଂ ରାଜାନଂ ବରୁଣମଗ୍ନିମନ୍ୱାରଭାମହେ |
ଆଦିତ୍ୟଂ ବିଷ୍ଣୁଂ ସୂର୍ୟଂ ବ୍ରହ୍ମାନଂ ଚ ବୃହସ୍ପତିମ୍ || ୧ ||

ଇତ ଏତ ଉଦାରୁହନ୍ଦିବଃ ପୃଷ୍ଠାନ୍ୟା ରୁହନ୍ |
ପ୍ର ଭୂର୍ଜୟୋ ୟଥା ପଥୋଦ୍ୟାମଙ୍ଗିରସୋ ୟୟୁଃ || ୨ ||

ରାୟେ ଅଗ୍ନେ ମହେ ତ୍ୱା ଦାନାୟ ସମିଧୀମହି |
ଇଡିଷ୍ୱା ହି ମହେ ବୃଷଂ ଦ୍ୟାବା ହୋତ୍ରାୟ ପୃଥିବୀ || ୩ ||

ଦଧନ୍ୱେ ବା ୟଦୀମନୁ ବୋଚଦ୍-ବ୍ରହ୍ମେତି ବେରୁ ତତ୍ |
ପରି ବିଶ୍ୱାନି କାବ୍ୟା ନେମିଶ୍ଚକ୍ରମିବାଭୁବତ୍ || ୪ ||

ପ୍ରତ୍ୟଗ୍ନେ ହରସା ହରଃ ଶୃଣାହି ବିଶ୍ୱତସ୍ପରି |
ୟାତୁଧାନସ୍ୟ ରକ୍ଷସୋ ବଲଂ ନ୍ୟୁବ୍ଜବୀର୍ୟମ୍ || ୫ ||

ତ୍ୱମଗ୍ନେ ବସୂଂରିହ ରୁଦ୍ରାଂ ଆଦିତ୍ୟାଂ ଉତ |
ୟଜା ସ୍ୱଧ୍ୱରଂ ଜନଂ ମନୁଜାତଂ ଘୃତପ୍ରୁଷମ୍ || ୬ || (୯୬)

**|| ଇତି ଦଶମୀ ଦଶତିଃ (୧୦) | ଦଶମଃ ଖଣ୍ଡଃ (୧୦) ||**

## || ଇତି ପ୍ରଥମପ୍ରପାଠକେ ଦ୍ୱିତୀୟୋଽର୍ଧଃ ||

# || ଇତି ପ୍ରଥମ ପ୍ରପାଠକଃ ସମାପ୍ତମ୍ ||



Not For Commercial Use

# [ ଅଥ ଦ୍ୱିତୀୟପ୍ରପାଠକେ ପ୍ରଥମୋଽର୍ଧଃ ]

==================================================

**(୧-୨-୧-୦୧)** [୧-୧୦] **ଋଷିଃ** - ଦୀର୍ଘତମା ଔଚଥ୍ୟଃ (୧), ବିଶ୍ୱାମିତ୍ରୋ ଗାଥିନଃ (୨,୪), ଗୋତମୋ ରାହୂଗଣଃ (୩), ତ୍ରିତ ଆପ୍ତ୍ୟଃ (୫), ଇରିମ୍ବିଠିଃ କାଣ୍ୱଃ (୬), ବିଶ୍ୱମନା ବୈୟଶ୍ୱଃ (୭, ୮, ୧୦), ଋଜିଶ୍ୱା ଭାରଦ୍ୱାଜଃ (୯) | **ଛନ୍ଦ** - ଉଷ୍ଣିକ୍ (୧-୧୦) | **ଦେବତା** - ଅଗ୍ନିଃ (୧-୪, ୭-୮, ୧୦), ପବମାନଃ ସୋମଃ (୫), ଅଦିତିଃ (୬), ବିଶ୍ୱେଦେବାଃ (୯)

==================================================

ପୁରୁ ତ୍ୱା ଦାଶିବାଂ ବୋଚେଽରିରଗ୍ନେ ତବ ସ୍ୱିଦା |
ତୋଦସ୍ୟେବ ଶରଣ ଆ ମହସ୍ୟ || ୧ ||

ପ୍ର ହୋତ୍ରେ ପୂର୍ବ୍ୟଂ ବଚୋଽଗ୍ନୟେ ଭରତା ବୃହତ୍ |
ବିପାଂ ଜ୍ୟୋତୀଂଷି ବିଭ୍ରତେ ନ ବେଧସେ || ୨ ||

ଅଗ୍ନେ ବାଜସ୍ୟ ଗୋମତ ଇଶାନଃ ସହସୋ ୟହୋ |
ଅସ୍ମେ ଦେହି ଜାତବେଦୋ ମହି ଶ୍ରବଃ || ୩ ||

ଅଗ୍ନେ ୟଜିଷ୍ଠୋ ଅଧ୍ୱରେ ଦେବାଂ ଦେବୟତେ ୟଜ |
ହୋତା ମନ୍ଦ୍ରୋ ବି ରାଜସ୍ୟତି ସ୍ରିଧଃ || ୪ ||

ଜଜ୍ଞାନଃ ସପ୍ତ ମାତୃଭିର୍ମେଧାମାଶାସତ ଶ୍ରିୟେ |
ଅୟଂ ଧ୍ରୁବୋ ରୟୀଣାଂ ଚିକେତଦା || ୫ ||

ଉତ ସ୍ୟା ନୋ ଦିବା ମତିରଦିତିରୂତ୍ୟାଗମତ୍ |
ସା ଶନ୍ତାତା ମୟସ୍କରଦପ ସ୍ରିଧଃ || ୬ ||

ଇଡିଷ୍ୱା ହି ପ୍ରତୀବ୍ୟଁାଂ ୟଜସ୍ୱ ଜାତବେଦସମ୍ |
ଚରିଷ୍ଣୁଧୂମମଗୃଭୀତଶୋଚିଷମ୍ || ୭ ||

ନ ତସ୍ୟ ମାୟୟା ଚ ନ ରିପୁରୀଶୀତ ମର୍ତ୍ୟଃ |
ୟୋ ଅଗ୍ନୟେ ଦଦାଶ ହବ୍ୟଦାତୟେ || ୮ ||

ଅପ ତ୍ୟଂ ବୃଜିନଂ ରିପୁଂ ସ୍ତେନମଗ୍ନେ ଦୁରାଧ୍ୟମ୍ |
ଦବିଷ୍ଠମସ୍ୟ ସପ୍ତେ କୃଧୀ ସୁଗମ୍ || ୯ ||

ଶ୍ରୁଷ୍ଟ୍ୟଗ୍ନେ ନବସ୍ୟ ମେ ସ୍ତୋମସ୍ୟ ବୀର ବିଶ୍ପତେ |
ନି ମାୟିନସ୍ତପସା ରକ୍ଷସୋ ଦହ || ୧୦ || (୧୦୬)

**|| ଇତି ପ୍ରଥମା ଦଶତିଃ (୧) | ଏକାଦଶଃ ଖଣ୍ଡଃ (୧୧) ||**

==========================================================

**(୧-୨-୧-୦୨)** [୧-୮] **ଋଷିଃ** - ପ୍ରୟୋଗୋ ଭାର୍ଗବଃ (୧), ସୌଭରିଃ କାଣ୍ୱଃ (୨, ୩, ୫-୭), ପ୍ରୟୋଗୋ ଭାର୍ଗବଃ, ସୌଭରିଃ କାଣ୍ୱଃ ବା (୪), ବିଶ୍ୱମନା ବୈୟଶ୍ୱଃ (୮) |

**ଛନ୍ଦ** - ଉଷ୍ଣିକ୍ (୧-୮) | **ଦେବତା** - ଅଗ୍ନିଃ (୧-୮)

==========================================================

ପ୍ର ମଂହିଷ୍ଠାୟ ଗାୟତ ଋତାବ୍ନେ ବୃହତେ ଶୁକ୍ରଶୋଚିଷେ |
ଉପସ୍ତୁତାସୋ ଅଗ୍ନୟେ || ୧ ||

ପ୍ର ସୋ ଅଗ୍ନେ ତବୋତିଭିଃ ସୁବୀରାଭିସ୍ତରତି ବାଜକର୍ମଭିଃ |
ୟସ୍ୟ ତ୍ୱଂ ସଖ୍ୟମାବିଥ || ୨ ||

ତଂ ଗୂର୍ଧୟା ସ୍ୱର୍ଣ୍ଣରଂ ଦେବାସୋ ଦେବମରତିଂ ଦଧନ୍ୱିରେ |
ଦେବତ୍ରା ହବ୍ୟମୂହିଷେ || ୩ ||

ମା ନୋ ହୃଣୀଥା ଅତିଥିଂ ବସୁରଗ୍ନିଃ ପୁରୁପ୍ରଶସ୍ତ ଏଷଃ |
ୟଃ ସୁହୋତା ସ୍ୱଧ୍ୱରଃ || ୪ ||



Not For Commercial Use

ଭଦ୍ରୋ ନୋ ଅଗ୍ନିରାହୁତୋ ଭଦ୍ରା ରାତିଃ ସୁଭଗ ଭଦ୍ରୋ ଅଧ୍ୱରଃ ।
ଭଦ୍ରା ଉତ ପ୍ରଶସ୍ତୟଃ ।। ୫ ।।

ୟଜିଷ୍ଠଂ ତ୍ୱା ବବୃମହେ ଦେବଂ ଦେବତ୍ରା ହୋତାରମମର୍ତ୍ୟମ୍ ।
ଅସ୍ୟ ୟଜ୍ଞସ୍ୟ ସୁକ୍ରତୁମ୍ ।। ୬ ।।

ତଦଗ୍ନେ ଦ୍ୟୁମ୍ନମା ଭର ୟତ୍ସାସାହା ସଦନେ କଂ ଚିଦତ୍ରିଣମ୍ ।
ମନ୍ୟୁଂ ଜନସ୍ୟ ଦୂଢ୍ୟମ୍ ।। ୭ ।।

ୟଦ୍ୱା ଉ ବିଶ୍ପତିଃ ଶିତଃ ସୁପ୍ରୀତୋ ମନୁଷୋ ବିଶେ ।
ବିଶ୍ୱେଦଗ୍ନିଃ ପ୍ରତି ରକ୍ଷାଂସି ସେଧତି ।। ୮ ।। (୧୧୪)

**।। ଇତି ଦ୍ୱିତୀୟା ଦଶତିଃ (୨) । ଦ୍ୱାଦଶଃ ଖଣ୍ଡଃ (୧୨) ।।**

## ।। ଇତି ଆଗ୍ନେୟଂ ପର୍ବଂ କାଣ୍ଡମ୍ ବା ।।

## ।। ଇତି ପ୍ରଥମୋଽଧ୍ୟାୟଃ ସମାପ୍ତମ୍ ।।

### ।। ଇତି ପ୍ରଥମଂ ପର୍ବ ।।

Not For Commercial Use